## ସଂକ୍ଷେପରେ

### ବେଆଇନ ପଥର ଖାଦାନରେ ଚଢ଼ାଉ



**ଢେଙ୍କାନାଳ ଅଫିସ, ୨।୨:** ଢେଙ୍କାନାଳ ଜିଲା ପ୍ରଶାସନ ପକ୍ଷରୁ ରବିବାର ଅପରାହ୍ନ ୫ଟାରୁ ରାତି ୯ଟା ଯାଏ ସଦର ବ୍ଲକର କାଇମାଟି ଏବଂ ଗଁଦିଆ ବ୍ଲକର କାଶୀପୁର ଅଞ୍ଚଳରେ ଚାଲିଥିବା ବେଆଇନ ପଥର ଖାଦାନ ଉପରେ ଚଢ଼ାଉ କରାଯାଇଥିଲା। କାଶୀପୁର ଖାଦାନରୁ ଗୋଟିଏ ପଥର ବୋଝେଇ ଟ୍ରକ୍ ଏବଂ ଟ୍ରାକ୍ଟର ଜବତ କରାଯାଇଥିବାବେଳେ କାଇମାଟିରୁ ଗୋଟିଏ ପଥର ବୋଝେଇ ଟ୍ରକ୍ ଜବତ କରାଯାଇଛି। ବେଆଇନ ଖାଦାନରୁ ରାତି ଅଧିଆ ପଥର ଚାଲାଣ ହେଉଥିବା ସମ୍ପର୍କରେ ସୂଚନା ପାଇ ଉପଜିଲାପାଳ ସାଫଲ୍ୟମଣ୍ଡିତ ପ୍ରଧାନ ରାଜସ୍ୱ ବିଭାଗ କର୍ମଚାରୀ ଏବଂ ପୋଲିସ ସହାୟତାରେ ଚଢ଼ାଉ କରିଥିଲେ। ଜିଲାର ବିଭିନ୍ନ ସ୍ଥାନରେ ଏପରି ପଥର ଖାଦାନ ଚାଲିଛି। ଆଗାମୀ ଦିନରେ ଚଢ଼ାଉକୁ ଆହୁରି ଜୋରଦାର କରାଯିବ ବୋଲି ଉପଜିଲାପାଳ ସୂଚନା ଦେଇଛନ୍ତି।

### ନିତାଇଗୌର ମଠର ବାର୍ଷିକ ଉତ୍ସବ



**ଢେଙ୍କାନାଳ ଅଫିସ, ୨।୨:** ସପ୍ତଶଯ୍ୟା ନିକଟ ଶାନ୍ତିପୁରସ୍ଥିତ ଶ୍ରୀନିତାଇଗୌର ମଠର ୨୮ତମ ବାର୍ଷିକ ଉତ୍ସବ ଓ ନିତ୍ୟାନନ୍ଦ ମହାପ୍ରଭୁଙ୍କ ଜନ୍ମ ମହୋତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ଶ୍ରୀମଦ୍ ଭାଗବତ ସପ୍ତାହ, ଚବିଶପ୍ରହର ନାମଯଜ୍ଞ ଅନୁଷ୍ଠିତ ହେଉଛି। ମହନ୍ତ ପ୍ରେମାନନ୍ଦ ଦାସ ମହାରାଜଙ୍କ ପୌରୋହିତ୍ୟରେ ପଣ୍ଡିତ ପ୍ରମୋଦ କୁମାର ତ୍ରିପାଠୀ ଭାଗବତ ପାରାୟଣ ପାଠ କରୁଛନ୍ତି। ସନ୍ଧ୍ୟାରେ ମୁଖ୍ୟପ୍ରବକ୍ତା ବାବା ଶ୍ୟାମସୁନ୍ଦର ମହାରାଜ ଶ୍ରୀନିତ୍ୟାନନ୍ଦ ପ୍ରଭୁଙ୍କ ଜୀବନୀ ଏବଂ ଭାଗବତ କଥାମୃତ ଉପରେ ଆଲୋଚନା କରୁଛନ୍ତି।

### ଅବସରକାଳୀନ ସମ୍ବର୍ଦ୍ଧନା



**ଢେଙ୍କାନାଳ ଅଫିସ, ୨।୨:** ଢେଙ୍କାନାଳ ଶିଶୁ ବିଦ୍ୟାମନ୍ଦିରର ବରିଷ୍ଠ ଗୁରୁଜୀ ବଳରାମ ଖୁଣ୍ଟିଆ ଶୁକ୍ରବାର ଅବସରଗ୍ରହଣ କରିଛନ୍ତି। ଏହି ଅବସରରେ ସ୍କୁଲ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ସମ୍ପାଦକ ବିଶ୍ୱନାଥ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶିକ୍ଷା ବିକାଶ ସମିତିର ସୁଧୀର କୁମାର ନାୟକ, ପ୍ରଧାନ ଗୁରୁଜୀ ନିରଞ୍ଜନ ସାହୁ, ଆଚାର୍ଯ୍ୟ ମିଲୁଚରଣ ଦେହୁରୀ, କନକଲତା ପ୍ରଧାନ, ଉଷାରାଣୀ ଦାସ, ରଶ୍ମିରେଖା ପାଣି, ପ୍ରତିଭା ଦାସ ପ୍ରମୁଖ ବିଦାୟୀ ଗୁରୁଜୀଙ୍କ କର୍ମମୟ ଜୀବନର ସ୍ମୃତିଚାରଣ କରିଥିଲେ।

### ଶିରିଡ଼ି ସାଇ ମନ୍ଦିର ବାର୍ଷିକ ଉତ୍ସବ

**ଢେଙ୍କାନାଳ ଅଫିସ, ୨।୨** ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ପିଙ୍ଗୁଆସ୍ଥିତ ଶିରିଡ଼ି ସାଇ ମନ୍ଦିରର ପ୍ରଥମ ବାର୍ଷିକ ଉତ୍ସବ ଏବଂ ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କଳସ ଶୋଭାଯାତ୍ରାରେ ଶ୍ରଦ୍ଧାଳୁମାନେ ନଗର ପରିକ୍ରମା କରିଥିଲେ। ଶିରିଡ଼ି ସାଇବାବାଙ୍କ ପାଲିଙ୍କି ଶୋଭାଯାତ୍ରାରେ ବହୁ ଅନୁଗାମୀ ସାମିଲ ହୋଇଥିଲେ। ଏହାକୁ ନେଇ ସମଗ୍ର ଅଞ୍ଚଳରେ ଆଧାତ୍ମିକ ବାତାବରଣ ସୃଷ୍ଟି ହୋଇଥିଲା। ମନ୍ଦିର ପରିଚାଳନା କମିଟି ସଦସ୍ୟ, ଗ୍ରାମବାସୀ ଏଥିରେ ସହଯୋଗ କରିଥିଲେ।

# ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ଉପରେ ଗୁରୁତ୍ୱ

## ଯୋରନ୍ଦା ମାଘମେଳା ପ୍ରସ୍ତୁତି ବୈଠକ




ବୈଠକରେ ପ୍ରଶାସନିକ ଅଧିକାରୀମାନେ।

**ଢେଙ୍କାନାଳ ଅଫିସ, ୨।୨**

ମହିମାଧର୍ମର ପ୍ରମୁଖ ପୀଠ ଯୋରନ୍ଦାରେ ଆସନ୍ତା ୭ରୁ ଅନୁଷ୍ଠିତ ହେଉଛି ମାଘମେଳା। ବିଶ୍ୱପ୍ରସିଦ୍ଧ ଏହି ମେଳାକୁ ଶୃଙ୍ଖଳିତ ଭାବେ ସମାପନ କରିବାକୁ ଶନିବାର ଯୋରନ୍ଦା ପଞ୍ଚାୟତ କାର୍ଯ୍ୟାଳୟରେ ଶନିବାର ଦ୍ୱିତୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ଭବେଶ କୁମାର ନାୟକ ଅଧ୍ୟକ୍ଷତା କରିଥିବାବେଳେ ଉପଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ମେଳା ଉପଲକ୍ଷେ ମନ୍ଦିର ଚତୁଃପାର୍ଶ୍ୱରେ ସଫେଇ, ନିରବଚ୍ଛିନ୍ନ ବିଦ୍ୟୁତ୍ ସଂଯୋଗ, ଜଳ ଉତ୍ସ ବିଶୋଧନ, ପାର୍କିଂ ବ୍ୟବସ୍ଥା, ଅଲୋକୀକରଣ ଉପରେ ଗୁରୁତ୍ୱ ଦିଆଯାଇଛି। ଢେଙ୍କାନାଳ ପୌରପାଳିକା ପକ୍ଷରୁ ଭ୍ରାମ୍ୟମାଣ ଶୌଚାଳୟ ସୁବିଧା କରାଯିବ। ୩ ଭ୍ରାମ୍ୟମାଣ ଟ୍ୟାଙ୍କର ପାନୀୟ ଜଳ ଯୋଗାଇବେ। ଧୁନି ମଣ୍ଡପର ବିଭିନ୍ନ ସ୍ଥାନ, ଯାତ୍ରା ପଡ଼ିଆ, ଜନଗହଳିପୂର୍ଣ୍ଣ ସ୍ଥାନରେ ସିସି ଟିଭି କ୍ୟାମେରା ଲଗାଯିବ। ଆଇନଶୃଙ୍ଖଳା ପାଇଁ ପୋଲିସ ମୁତୟନ ହେବେ। ଯାତାୟାତ ପାଇଁ ଢେଙ୍କାନାଳ ରେଳ ଷ୍ଟେଶନ ଏବଂ ଯୋରନ୍ଦା ରୋଡ ରେଳଷ୍ଟେଶନଠାରୁ ଯୋରନ୍ଦା ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ସ୍ୱତନ୍ତ୍ର ଯାନବାହନ ଚଳାଚଳ କରିବ। ଯାତ୍ରୀଙ୍କ ପାଇଁ ଭଡ଼ା ଧାର୍ଯ୍ୟ କରାଯିବ। ଏ ନେଇ ବ୍ୟାନରରେ ଜନସାଧାରଣଙ୍କୁ ଅବଗତ କରାଯିବା ଉପରେ ଗୁରୁତ୍ୱାରୋପ କରାଯାଇଛି। ସେହିପରି ଆଶୁ ଚିକିତ୍ସା, ଅଗ୍ନି ନିର୍ବାପନ, ବ୍ୟାରିକେଡ୍, ଆବର୍ଜନାକୁଣ୍ଡ ବ୍ୟବସ୍ଥା, ପୋଖରୀରୁ ଦଳ ସଫେଇ, ପଲିଥିନ ବ୍ୟବହାର ନିଷିଦ୍ଧ, ବିଦ୍ୟୁତ୍ ଦେୟ ଆଦାୟ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଯୋରନ୍ଦା ପଞ୍ଚାୟତ ସରପଞ୍ଚ ପ୍ରଶାନ୍ତ କୁମାର ରାଉତ ସ୍ୱାଗତ ଭାଷଣ ଦେଇଥିଲେ। ବୈଠକରେ ଆଞ୍ଚଳିକ ଶିଳ୍ପକେନ୍ଦ୍ର ସାଧାରଣ ପରିଚାଳକ ଉମାକାନ୍ତ ରାଜ, ତହସିଲଦାର ସତ୍ୟନାରାୟଣ ମିଶ୍ର, ବିଡିଓ ଶିବଶଙ୍କର ମିଶ୍ର, ଯନ୍ତ୍ରୀ ସୁରେନ୍ଦ୍ର କୁମାର ବେହେରା, ସାଧୁସନ୍ନ୍ୟାସୀଙ୍କ ସମେତ ଅଞ୍ଚଳର ଜନପ୍ରତିନିଧି ଓ ପଞ୍ଚାୟତ କର୍ମଚାରୀ ଉପସ୍ଥିତ ଥିଲେ।

# ପାଇଥିବା ସୁନାଚେନ୍ ଫେରାଇଲେ



ପ୍ରଦୋଷବାଳାଙ୍କୁ ଆଶୁତୋଷ ସୁନାଚେନ୍ ଫେରାଉଛନ୍ତି।

## ଆଶୁତୋଷଙ୍କ ସଚ୍ଚୋଟପଣିଆ

**କାମାକ୍ଷାନଗର, ୨।୨(ଡି.ଏନ.ଏ.)**

ହାତରେ ପଡ଼ିଥିଲା ଲକ୍ଷାଧିକ ଟଙ୍କାର ସୁନା ଚେନ୍। ଚାହିଁଥିଲେ ସେ ଏହାକୁ ରଖିଦେଇପାରିଥାନ୍ତେ ନିଜପାଖରେ। କେହି ଖୋଜ ଖବର ବି ପାଇ ନ ଥାନ୍ତେ। ହେଲେ ମାନବିକତା ଆଗରେ ହାରିଗଲା ଲୋଭ। ସୁନାଚେନ୍‌କୁ ବିନା ଦ୍ୱିଧାରେ ଫେରାଇ ଦେଲେ କାମାକ୍ଷାନଗର ଅଞ୍ଚଳର ଆଶୁତୋଷ ସାହୁ। ଯୁବକଙ୍କ ଏପରି କାର୍ଯ୍ୟ ଏବେ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ସୂଚନାଯୋଗ୍ୟ, ଶନିବାର ସନ୍ଧ୍ୟାରେ କାମାକ୍ଷାନଗର ମଡର୍ନ ବୁକ୍ ଷ୍ଟୋରକୁ ବହି କିଣିବାକୁ ଆସିଥିଲେ ପ୍ରଦୋଷବାଳା ପରିଡ଼ା। ବହି କିଣି ଯିବା ବେଳକୁ ସେ ପିନ୍ଧିଥିବା ସୁନା ଚେନ୍ ଦୋକାନ ସମ୍ମୁଖ ରାସ୍ତାରେ ଖସିପଡ଼ିଥିଲା। ଏହାକୁ ପାଇଥିଲେ ଆଶୁତୋଷ। ସେ ଉକ୍ତ ଚେନ୍‌କୁ ଦୋକାନୀ ଅର୍ସଦ ଅହମ୍ମଦଙ୍କୁ ଦେଖାଇବା ସହ କାମାକ୍ଷାନଗର ଥାନାଧିକାରୀ ଅଭିନବ ଡାଲୁଆଙ୍କୁ ଏ ସମ୍ପର୍କରେ ଅବଗତ କରାଇଥିଲେ। ପଚରାଉଚୁରା ପରେ ଉକ୍ତ ଚେନ୍ ପ୍ରଦୋଷବାଳାଙ୍କର ବୋଲି ଜଣାପଡ଼ିଥିଲା। ରବିବାର ମହିଳା ଜଣକ ଉପଯୁକ୍ତ ପ୍ରମାଣ ଦେବା ପରେ ଆଇଆଇସିଙ୍କ ଉପସ୍ଥିତିରେ ଆଶୁତୋଷ ତାଙ୍କୁ ଉକ୍ତ ଚେନ୍ ହସ୍ତାନ୍ତର କରିଥିଲେ। ଆଶୁତୋଷଙ୍କ ସଚ୍ଚୋଟପଣିଆ ଅନ୍ୟମାନଙ୍କ ପାଇଁ ପ୍ରେରଣା ପାଲଟିବ ବୋଲି ଉଭୟ ଆଇଆଇସି ଏବଂ ପ୍ରଦୋଷବାଳା କହିଛନ୍ତି।

# ଭାଗନେଲେ ୧୧୬୦ ପ୍ରତିଯୋଗୀ

## ଆରମ୍ଭ ହେଲା କ୍ରୀଡ଼ା ମହୋତ୍ସବ



କ୍ରୀଡ଼ା ମହୋତ୍ସବ ଉପଲକ୍ଷେ ଆୟୋଜିତ ଶୋଭାଯାତ୍ରାରେ ଅତିଥିମାନେ।

**କାମାକ୍ଷାନଗର, ୨।୨(ଡି.ଏନ.ଏ.)**

ଢେଙ୍କାନାଳ ଜିଲା କାମାକ୍ଷାନଗରସ୍ଥିତ ସାରଙ୍ଗଧର ଷ୍ଟାଡିୟମରେ ରବିବାରଠାରୁ ଆରମ୍ଭ ହୋଇଛି କ୍ରୀଡ଼ା ମହୋତ୍ସବ-୨୦୨୦। ଏଥିରେ ନାଲ୍‌କୋ, ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ, ପୂର୍ବତଟ ରେଲ୍‌ୱେ, ଓଡ଼ିଶା ପୋଲିସ, ପାରାଦୀପ ପୋର୍ଟ କ୍ଲବ ସମେତ ରାଜ୍ୟର ବିଭିନ୍ନ ଜିଲାରୁ ୨୪୦ ଅଫିସିଆଲ୍ ଏବଂ ୧୧୬୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି।

ଏହି ଉପଲକ୍ଷେ ଏକ ବିଶାଳ ଶୋଭାଯାତ୍ରା ବାହାରିଥିଲା। ହନୁମାନ ମନ୍ଦିରରେ ପୂଜାର୍ଚ୍ଚନା ପରେ କ୍ରୀଡ଼ା ମଶାଲ ପ୍ରଜ୍ୱଳନ କରାଯାଇଥିଲା। ନଗର ପରିକ୍ରମା ପରେ ଶୋଭାଯାତ୍ରା ଷ୍ଟାଡିୟମରେ ପହଞ୍ଚିଥିଲା। ଖଣିମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ନର୍ଲା ବିଧାୟକ ତଥା ଥ୍ରୋବଲ ସଂଘର ରାଜ୍ୟ ସଭାପତି ଭୂପିନ୍ଦର ସିଂ, ପରଜଙ୍ଗ ବିଧାୟକ ଡା. ନୃସିଂହ ଚରଣ ସାହୁ, ଏସ୍‌ଡିପିଓ ସୁପ୍ରସନ୍ନ ମଲ୍ଲିକ, ଥାନାଧିକାରୀ ଅଭିନବ ଡାଲୁଆ ପ୍ରମୁଖ ଅତିଥିଭାବେ ମଶାଲ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଅତିଥିମାନେ କ୍ରୀଡ଼ା ପତାକା ଉତ୍ତୋଳନ କରିବା ପରେ ପ୍ରତିଯୋଗିତା ଆରମ୍ଭ ହୋଇଥିଲା। ଉଦ୍‌ଘାଟନୀ ଦିବସରେ ଥ୍ରୋ-ବଲ୍ ଏବଂ ଫୁଟ୍‌ବଲ ବିଭାଗରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏହି ମହୋତ୍ସବ ଗୁରୁବାର ସନ୍ଧ୍ୟାରେ ଉଦ୍‌ଯାପିତ ହେବ।

# ଉପାସନା ଛାତ୍ରୀ ନିବାସର ବାର୍ଷିକ ଉତ୍ସବ

**ଢେଙ୍କାନାଳ ଅଫିସ, ୨।୨**

ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର ଉପାସନା ଛାତ୍ରୀ ନିବାସର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ଭବେଶ କୁମାର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ କଠିନ ପରିଶ୍ରମ, ଗଭୀର ଅଧ୍ୟୟନ ଏବଂ ସୁଚିନ୍ତିତ କର୍ମପନ୍ଥା ସ୍ଥିର କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। କବୟିତ୍ରୀ ପ୍ରଭାସିନୀ ମହାକୁଡ ମୁଖ୍ୟବକ୍ତା ଭାବେ ଯୋଗଦେଇ ସୃଜନଶୀଳତାର ବିକାଶ କରିବାକୁ ଛାତ୍ରୀଙ୍କୁ ଆହ୍ୱାନ ଦେଇଥିଲେ। କଲେଜ ଅଧ୍ୟକ୍ଷା ଡ. ରଶ୍ମି ମିଶ୍ର, ଛାତ୍ରୀ ନିବାସ ତତ୍ତ୍ୱାବଧାରିକା ଡ. ନମିତା ଦାସ, ସାଧାରଣ ସମ୍ପାଦିକା ଋତୁପର୍ଣ୍ଣା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବା ସହ ଛାତ୍ରୀ ନିବାସର କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସହ ତତ୍ତ୍ୱାବଧାରିକା ଡ. ମଞ୍ଜୁଲିକା ନାୟକ ଧନ୍ୟବାଦ ଦେଇଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

ଆଜି କ'ଣ କେଉଁଠି ସ୍ତମ୍ଭରେ କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସ୍ଥାନୀୟ ଧରିତ୍ରୀ ପ୍ରତିନିଧି କିମ୍ବା ମୁଖ୍ୟକାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ଅଲେଖ ମହିମା ଧ୍ୱନିରେ କମ୍ପିଲା ଟୁଙ୍ଗି



**କାମାକ୍ଷାନଗର, ୨।୨(ଡି.ଏନ.ଏ.)**

ଢେଙ୍କାନାଳ ଜିଲା କାମାକ୍ଷାନଗର ମହିମା ଟୁଙ୍ଗିରେ ଶନିବାର ମାଘ ସପ୍ତମୀ ଉପଲକ୍ଷେ ମାଘ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜଗତକଲ୍ୟାଣ ଉଦ୍ଦେଶ୍ୟରେ ଝାଡ଼ଦୀପ ପ୍ରଜ୍ୱଳନ କରାଯାଇଥିଲା। ଅଲେଖ ମହିମା ଧ୍ୱନିରେ ପ୍ରକମ୍ପିତ ହୋଇଉଠିଥିଲା ସମଗ୍ର ଟୁଙ୍ଗି ପରିସର। ମଠାଧୀଶ ଖଗେଶ୍ୱର ବାବାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କୌପିନଧାରୀ ମହିମା ସମାଜର ପରିଚାଳକ ଅବିନାଶୀ ବାବା, ନିମାଇଁ ବାବା, ସତ୍ୟାନନ୍ଦ ବାବା, ଅପର୍ତ୍ତି ଦାସ, ବୈକୁଣ୍ଠ ଦାସ, ବିଭୂତି ଭୂଷଣ ମହାନ୍ତି, ସନାତନ ପଟ, ସନ୍ତୋଷ ସାହୁ, ଜହର ନାୟକଙ୍କ ସମେତ ଶତାଧିକ ମହିମା ଧର୍ମାବଲମ୍ବୀ ଉପସ୍ଥିତ ଥିଲେ। ଢେଙ୍କାନାଳ, ଅନୁଗୋଳ, ସମ୍ବଲପୁର, ଯାଜପୁର, କନ୍ଧମାଳ ଜିଲା ସମେତ ଆନ୍ଧ୍ରପ୍ରଦେଶ, ଝାଡ଼ଖଣ୍ଡ ଆଦି ରାଜ୍ୟରୁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

# ଏବିଇଓଙ୍କ ଅବସର

**ସାତମାଇଲ, ୨।୨(ଡି.ଏନ.ଏ.)**

ହିନ୍ଦୋଳ ଏବିଇଓ ନଳିନୀକାନ୍ତ ମିଶ୍ରଙ୍କୁ ବ୍ଲକ ଶିକ୍ଷକ ସଂଘ ପକ୍ଷରୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ବିଇଓ ଶାନ୍ତନୁ ମଲ୍ଲିକଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ଉପଜିଲାପାଳ ଉଦୟ କୁମାର ମହାପାତ୍ର, ଓଡ଼ାପଡ଼ା ବିଇଓ ଅଭିମନ୍ୟୁ ସେଠୀ, ଶିକ୍ଷାବିତ୍ କମଳା ମଞ୍ଜରୀ ଦାସ, କୈଳାସ ଚନ୍ଦ୍ର ସାହୁ, ଏବିଇଓ ପ୍ରକାଶ ପ୍ରଧାନ, ସଞ୍ଜୟ ନାୟକ ପ୍ରମୁଖ ବିଦାୟୀ ଏବିଇଓଙ୍କ ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ବିରଞ୍ଚି ନାରାୟଣ ସାମଲ, ସୁବାସ ଚନ୍ଦ୍ର ମିଶ୍ର, ଦେବାଶିଷ ପଟ୍ଟନାୟକ, ଗୟାଧର ବେହେରା, ଦେବବ୍ରତ ନାଥ, ନିର୍ମଳା ବେହେରା, ବିଦ୍ୟାଧର ବେହେରା, ରାଜ ନାଏକ, ନିରଞ୍ଜନ ମାଝିଙ୍କ ସମେତ ଉପଖଣ୍ଡର ବହୁ ଶିକ୍ଷୟିତ୍ରୀଶିକ୍ଷକ ଉପସ୍ଥିତ ଥିଲେ।

# କମିନି ନାଟ୍ୟକଳାର ଆଦର



ଆଲୋଚନାଚକ୍ରରେ ଛାତ୍ରୀଛାତ୍ରଙ୍କୁ ନାଟ୍ୟକଳା ସମ୍ପର୍କରେ ଅବଗତ କରାଯାଉଛି।

**ଢେଙ୍କାନାଳ ଅଫିସ, ୨।୨**

ନାଟକ ରଚନାର ପରମ୍ପରା ଅତି ପୁରୁଣା। ସାହିତ୍ୟର ଏହି ପ୍ରାଚୀନ ବିଭାଗରେ ଭରତ ମୁନିଙ୍କଠାରୁ ଆରମ୍ଭ କରି ବହୁ ସମୀକ୍ଷକ, ଆଲୋଚକ ଆଲୋଚନା କରିଛନ୍ତି। ସମୟକ୍ରମେ ନାଟକରେ ବହୁ ପରିବର୍ତ୍ତନ ହୋଇଛି। ତଥାପି ନାଟ୍ୟକଳାର ଆଦର କମିନାହିଁ ବୋଲି କହିଛନ୍ତି ବିଶିଷ୍ଟ ନାଟ୍ୟକାର ପ୍ରଫେସର ନାରାୟଣ ସାହୁ। ଢେଙ୍କାନାଳ କଲେଜ ଓଡ଼ିଆ ବିଭାଗ ପକ୍ଷରୁ ଶନିବାର ଆୟୋଜିତ ନାଟକ ସମ୍ପର୍କିତ ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସେ ଏହା କହିଥିଲେ। ଅଧ୍ୟକ୍ଷା ପ୍ରଫେସର ଡ. ରଶ୍ମି ମିଶ୍ର ଓଡ଼ିଆ ବିଭାଗର ନିୟମିତ ଭାବେ ଆୟୋଜିତ ଆଲୋଚନାଚକ୍ରକୁ ସ୍ୱାଗତ କରିଥିଲେ। ଓଡ଼ିଆ ବିଭାଗ ମୁଖ୍ୟ ରମେଶ ଚନ୍ଦ୍ର ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଅଧ୍ୟାପକ କାଳିନ୍ଦୀ ଚରଣ ମିଶ୍ର, ଛାତ୍ରୀ ଗୀତାଞ୍ଜଳି ବେହେରା, ଛାତ୍ର ଅମୀୟ କୁମାର ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ। ଅଧ୍ୟାପକ ଶୁଭକାନ୍ତ ପାଣି, ଅଧ୍ୟାପିକା ଡ. ରୀନାରାଣୀ ଜେନା, ସ୍ମିତା ପ୍ରଧାନ ପରିଚାଳନାରେ ସହଯୋଗ କରିଥିଲେ।

# ଅନୁଭୂତି ବାଣ୍ଟିବାର ଶ୍ରେଷ୍ଠ ମଞ୍ଚ

## ପଞ୍ଚାୟତିରାଜ ହାଇସ୍କୁଲର ବାର୍ଷିକ ଉତ୍ସବ

**କାମାକ୍ଷାନଗର, ୨।୨(ଡି.ଏନ.ଏ.)**

ଢେଙ୍କାନାଳ ଜିଲା କାମାକ୍ଷାନଗର ପଞ୍ଚାୟତିରାଜ ହାଇସ୍କୁଲର ୨୭ତମ ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଶ୍ରୀରାମ ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଖଣିମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ କହିଲେ, ଛାତ୍ରୀଛାତ୍ରମାନେ ବିଜ୍ଞାନଭିତ୍ତିକ ଶିକ୍ଷା ଉପରେ ବେଶି ଗୁରୁତ୍ୱ ଦେବା ଆବଶ୍ୟକ। ସ୍କୁଲର ପ୍ରତି ମହୋତ୍ସବରେ ବୈଜ୍ଞାନିକଙ୍କୁ ଅତିଥି ଭାବେ ଆମନ୍ତ୍ରଣ କଲେ ସେମାନେ ଅନୁଭୂତି ବାଣ୍ଟିବେ। ଏହା ଅନୁଭୂତି ବାଣ୍ଟିବାର ମଞ୍ଚ ପାଲଟିବ। ଏଥିରୁ ପିଲାମାନେ ବହୁ ଉପାଦେୟ କଥା ଶିଖିବାକୁ ପାଇବେ ବୋଲି ମୁଖ୍ୟଅତିଥି ନିଜ ବକ୍ତବ୍ୟରେ କହିଥିଲେ। ଶିକ୍ଷା ବିଭାଗର ପୂର୍ବତନ ଯୁଗ୍ମ ନିର୍ଦ୍ଦେଶକ ନିମାଇଁ ଚରଣ ସ୍ୱାଇଁ ମୁଖ୍ୟବକ୍ତାଭାବେ ଯୋଗଦେଇ କହିଲେ, ତ୍ରୁଟିରୁ ଅନେକ କଥା ଶିଖିବାକୁ ମିଳେ। ଏହାକୁ ସଜାଡ଼ି କାର୍ଯ୍ୟଖସଡ଼ା ପ୍ରସ୍ତୁତ କରାଗଲେ ଶିକ୍ଷାର ବିକାଶ ହୋଇପାରିବ। ଜିଲା ପରିଷଦ ଉପାଧ୍ୟକ୍ଷ କୋଦଣ୍ଡଧର ସାହୁ ସମ୍ମାନିତ ଅତିଥିଭାବେ ଯୋଗଦେଇ ନୈତିକ ଶିକ୍ଷାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଜାତୀୟ ବିଜ୍ଞାନ ନାଟକ ପ୍ରତିଯୋଗିତାରେ



କଳାକାରଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

ଲଗାତର ୩ଥର ଧରି ଶ୍ରେଷ୍ଠ ପ୍ରଦର୍ଶନ କରି ପଞ୍ଚାୟତିରାଜ ହାଇସ୍କୁଲ ଗୌରବ ଆଣିଛି। ଏହାପଛରେ ନାଟ୍ୟକାର ଦୀନେଶ ଦାସଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ନିରଞ୍ଜନ ସାହୁ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବାବେଳେ ସୁରେଶ କୁମାର ବିଶ୍ୱାଳ ଧନ୍ୟବାଦ ଦେଇଥିଲେ। ଶିକ୍ଷାନୁଷ୍ଠାନର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଏଥିରେ ସହଯୋଗ କରିଥିଲେ। ସନ୍ଧ୍ୟାରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏଥିସହ ଗୀତିନାଟ୍ୟ 'ମହିଷ ମର୍ଦ୍ଦିନୀ' ମଞ୍ଚସ୍ଥ ହୋଇଥିଲା। ସଙ୍ଗୀତ ଶିକ୍ଷକ ଅମିତ କୁମାର ନାୟକ, ନୃତ୍ୟଗୁରୁ ଜିତେନ୍ଦ୍ର କୁମାର ଷେଣ୍ଢ ସାଂସ୍କୃତିକ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

## ସଂକ୍ଷେପରେ

### ସୋମନାଥ ସିଂହ ଜଗଦେବଙ୍କ ତ୍ୟାଗ ଦିବସ ପାଳିତ

ଅନୁଗୋଳ ଅଫିସ, ୨।୨: ଅନୁଗୋଳର ଗୌରବ, ରାଷ୍ଟ୍ରଭକ୍ତ, ପ୍ରଜାବତ୍ସଳ ସ୍ୱାଧୀନତା ସଂଗ୍ରାମୀ ବୀର ଶହୀଦ ମହାରାଜା ସୋମନାଥ ସିଂହ ଜଗଦେବଙ୍କର ୧୭୨ତମ ତ୍ୟାଗ ଦିବସ ପାଳିତ ହୋଇଯାଇଛି। ଅନୁଗୋଳ ସହର ରାଜା ଛକଠାରେ ଥିବା ପ୍ରତିମୂର୍ତ୍ତିରେ ପୂଜାର୍ଚ୍ଚନା ସହ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ପରେ ସାମାଜିକ କର୍ମୀ, ବୁଦ୍ଧିଜୀବୀ ଓ ଶିକ୍ଷାବିତମାନେ ମହାରାଜାଙ୍କର ଦ୍ୱିତୀୟ ରାଜଧାନୀ ସାମରିକ ଗୁପ୍ତକୃଷ୍ଣଚକ୍ରଗଡ଼କୁ ଯାତ୍ରା କରିଥିଲେ। ସେଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ବର୍ତ୍ତମାନର ରାଜା ରୁଦ୍ରନାରାୟଣ ଜଗଦେବ, ରାଜଗୁରୁ ଗୋବିନ୍ଦ ରାଜଗୁରୁ, ଡ. ଧରଣୀଧର ନାଥ, ସ୍ନେହଲତା ସିଂହସାମନ୍ତ, ପ୍ରମୋଦ କୁମାର ଦାସ, ହୃଦୟ କୁମାର ସିଂ, ବିଜୟ କୁମାର ପଟ୍ଟନାୟକ, ବିଜୟ କୁମାର ସାହୁ, ପ୍ରଫେସର କୁମୁଦ ଚନ୍ଦ୍ର ଦାସ, କେଦାରନାଥ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ମହାରାଜାଙ୍କ ଅକ୍ଷୟ କୀର୍ତ୍ତି ସ୍ମରଣ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାମ କରିଥିବା ଅନୁଗୋଳର ୫ ଜଣ ବ୍ୟକ୍ତିଙ୍କୁ ମହାରାଜା ସମ୍ମାନରେ ସମ୍ମାନିତ କରାଯାଇଥିଲା।

### ଅଘୋଷିତ ବିଦ୍ୟୁତ୍ କାଟ

ବଇଣ୍ଡା,୨।୨(ଡି.ଏନ.ଏ.): ଆଠମଲ୍ଲିକ ବ୍ଲକ ପାଇକସାହି, ସାପଘରା, ଟାପଢୋଲ, କନ୍ତପଡ଼ା, ମଇମୁରା ଆଦି ପଞ୍ଚାୟତରେ ଗତକିଛିଦିନ ହେବ ଅଘୋଷିତ ବିଦ୍ୟୁତ୍ କାଟ ହେଉଛି। ଫଳରେ ଉପଭୋକ୍ତାଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଜାମୁନାଳୀ ଗ୍ରୀଡ଼କୋରୁ ବଇଣ୍ଡା ବିଦ୍ୟୁତ୍ ସବଷ୍ଟେଶନ ଦେଇ ଏହି ପଞ୍ଚାୟତଗୁଡ଼ିକୁ ବିଦ୍ୟୁତ୍ ସେବାର ବ୍ୟବସ୍ଥା ଥିଲେ ମଧ୍ୟ ୨୪ ଘଣ୍ଟିଆ ବିଦ୍ୟୁତ ଯୋଗାଣ ହେଉନାହିଁ। ହାତୀ ଚଳାଚଳ ପାଇଁ ରାତି ୯ଟାରୁ ସକାଳ ୫ଟା ପର୍ଯ୍ୟନ୍ତ ବିଦ୍ୟୁତ୍ କାଟ କରାଯାଉଛି। ଏଥିସହ ଦିନ ସମୟରେ ୧୦ ରୁ ୧୫ ଥର ବିଦ୍ୟୁତ୍ କାଟ କରାଯାଉଛି। ତୁରନ୍ତ ଏଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି। ଏ ନେଇ ବଇଣ୍ଡା ବିଦ୍ୟୁତ୍ ବିଭାଗର କନିଷ୍ଠ ଯନ୍ତ୍ରୀ ଉମାକାନ୍ତ ମାଝି କୁହନ୍ତି, ତୁରନ୍ତ ଏଥିପ୍ରତି ଦୃଷ୍ଟି ଦିଆଯିବ। କାମ ହେଉଥିବା ସମୟରେ ବିଦ୍ୟୁତ୍ କାଟ କରାଯାଉଛି।

# ରାଜପଥ ଖୋଳିଦେଉଛି ଠିକାସଂସ୍ଥା

■ଥାନାରେ ବିଭାଗୀୟ ଯନ୍ତ୍ରୀଙ୍କ ଅଭିଯୋଗ

■ତ୍ରୁଟିଥିଲେ କାର୍ଯ୍ୟାନୁଷ୍ଠାନ- ଆଇଆଇସି

ଛେଣ୍ଡିପଦା,୨।୨(ସ୍ୱ.ପ୍ର)

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ଅଞ୍ଚଳରେ ଯାଇଥିବା ୧୪୯(ବି) ନଂ. ଜାତୀୟ ରାଜପଥ ପାର୍ଶ୍ୱକୁ ବେଆଇନ ଭାବେ ଖୋଳି ସେଠାରେ ପାଇପ ପକାଯାଉଥିବା ଅଭିଯୋଗ ହୋଇଛି। ଏ ନେଇ ଜାତୀୟ ରାଜପଥ ବିଭାଗ ଯନ୍ତ୍ରୀ ଉମାକାନ୍ତ ଦଳେଇ ଶନିବାର ଠିକାସଂସ୍ଥା ବିରୋଧରେ ଛେଣ୍ଡିପଦା ଥାନାରେ ଅଭିଯୋଗ କରିଛନ୍ତି।

ଅଭିଯୋଗପତ୍ରରେ ଦର୍ଶାଯାଇଛି, ଜିଲା ଖଣିଜ ପାଣ୍ଠିରୁ ଜଳ ଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ଛେଣ୍ଡିପଦା ବ୍ଲକରେ ମେଗା ପାନୀୟ ଜଳପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ କରାଯାଇଛି। ଏହି ପ୍ରକଳ୍ପ ମାଧ୍ୟମରେ ଛେଣ୍ଡିପଦା ବ୍ଲକର ବିଭିନ୍ନ ପଞ୍ଚାୟତକୁ ପାନୀୟ ଜଳ ଯୋଗାଇ ଦେବା ନିମନ୍ତେ କାର୍ଯ୍ୟ କରାଯାଉଛି। ଏଥିପାଇଁ ଏକ ଠିକାସଂସ୍ଥାକୁ ଦାୟିତ୍ୱ ଦିଆଯାଇଛି। ହେଲେ ଉକ୍ତ ଠିକାସଂସ୍ଥା ସରକାରୀ ନିୟମକୁ ଉଲ୍ଲଙ୍ଘନ କରି କେତେବେଳେ ଜଙ୍ଗଲ ଭିତରେ ତ କେତେବେଳେ ଜାତୀୟ ରାଜପଥ ପାର୍ଶ୍ୱ ଖୋଳି ପାଇପ ପକାଉଛି। ସେହିପରି ପଞ୍ଚାୟତ ଅଞ୍ଚଳରେ ନିର୍ମାଣ କରାଯାଉଥିବା ପାଣି ଟାଙ୍କିକୁ ଠିକ ଭାବେ ଚିହ୍ନଟ ନ କରାଯାଇ ନିର୍ମାଣ କରାଯାଉଥିବାରୁ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହେଉଛି। ଏ ନେଇ ଜାତୀୟ ରାଜପଥ ପ୍ରାଧିକରଣ ପକ୍ଷରୁ ବାରମ୍ବାର କାର୍ଯ୍ୟ ବନ୍ଦ କରିବା ପାଇଁ କୁହାଯାଇଥିଲେ ମଧ୍ୟ ଠିକାସଂସ୍ଥା ଏହାକୁ କର୍ଣ୍ଣପାତ ନ କରି ରାଜପଥ ପାର୍ଶ୍ୱକୁ ଖୋଳି ପାଇପ ବିଛାଉଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି। ଏ ସମ୍ପର୍କରେ ଛେଣ୍ଡିପଦା ଥାନା ଅଧିକାରୀ କନକ ମାଝୀ କୁହନ୍ତି, ଉକ୍ତ ଘଟଣାର ତଦନ୍ତ ଚାଲିଛି। ତ୍ରୁଟି ଥିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ।


ରାଜପଥ ପାର୍ଶ୍ୱ ଖୋଳାଯାଇଛି।

# ପଞ୍ଚାୟତସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା



ଉଦ୍‌ଯାପନୀ ସଭାରେ ମଞ୍ଚାସୀନ ଅତିଥିବୃନ୍ଦ।

ବଇଣ୍ଡା,୨।୨(ଡି.ଏନ.ଏ.)

କିଶୋରନଗର ବ୍ଲକ ଗାଁ ବଇଣ୍ଡା ମା ମାହେଶ୍ୱରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆଠାରେ ଚାଲିଥିବା ପଞ୍ଚାୟତସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଶନିବାର ଉଦଯାପିତ ହୋଇଯାଇଛି। ଏଥିରେ ୪୦୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ପ୍ରଧାନଶିକ୍ଷକ ଦୈତାରୀ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବଇଣ୍ଡା ଜନତା କଲେଜ ଅଧ୍ୟକ୍ଷ ଶ୍ରୀଦ୍ଧାର୍ଥ ପଣ୍ଡା ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ସମ୍ମାନିତ ଅତିଥି ଭାବେ ସରପଞ୍ଚ ମାନସ ସାହୁ, ଶିକ୍ଷାବିତ ସପ୍ନେଶ୍ୱର ସାହୁ, ପଞ୍ଚାୟତ ନିର୍ବାହୀ ଅଧିକାରୀ ବଜେନ୍ଦ୍ର ସେଠୀ ଯୋଗ ଦେଇଥିଲେ। ପ୍ରଦୀପ କୁମାର ପ୍ରଧାନ, ବରୁଣ ଦେହୁରି, ଅଶୋକ କୁମାର ସାହୁ ଖେଳ ପରିଚାଳନା କରିଥିଲେ।

# ବିଷାକ୍ତ ଫଳ ଖାଇ ୭ ଶିଶୁ ଅସୁସ୍ଥ

ପାଲଲହଡ଼ା,୨।୨(ଡି.ଏନ.ଏ.)

ଅନୁଗୋଳ ଜିଲା ପାଲଲହଡ଼ା ଉପଖଣ୍ଡ ସୁବର୍ଣ୍ଣପାଲି ଗ୍ରାମ ଝରାସାହିରେ ରବିବାର ସନ୍ଧ୍ୟାରେ ବିଷାକ୍ତ ଫଳ ଖାଇ ୭ ଜଣ ଶିଶୁ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଶ୍ରୀୟା ଧୀବର, ଚାନ୍ଦିନୀ ଧୀବର, ନନ୍ଦିନୀ ଧୀବର, ଆକାଶ ଧୀବର, ପ୍ରିୟା ଧୀବର, ସାବିତ୍ରୀ ଧୀବର ଏବଂ ହୀରା ଧୀବର। ସେମାନଙ୍କୁ ଗ୍ରାମବାସୀ ଉଦ୍ଧାର କରି ପାଲଲହଡ଼ା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ୫ ଜଣଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟ ୨ ଶିଶୁଙ୍କ ଅବସ୍ଥା ସ୍ଥିର ଥିବା ଜଣାପଡିଛି।



# ୩ ଜଣଙ୍କ ଘରୁ ଲୁଟ୍

ବଅଁରପାଳ,୨।୨(ଡି.ଏନ.ଏ.)

ବଅଁରପାଳ ଥାନା ବନ୍ଦର ଭରଣିଆ ଗ୍ରାମରେ ଶନିବାର ରାତିରେ ଲୁଟ୍ ହୋଇଛି। ଦୁର୍ବୃତ୍ତମାନେ ବନ୍ଧୁକ ଦେଖାଇ ଗ୍ରାମର ୩ ଜଣଙ୍କ ଘରୁ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ଲୁଟି ନେଇଛନ୍ତି। ଏ ନେଇ ଗ୍ରାମର ଅମରେନ୍ଦ୍ର ଭୂତିଆ ରବିବାର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ପୋଲିସ ପକ୍ଷରୁ ପାଟ୍ରୋଲିଂ ବ୍ୟବସ୍ଥା କଡ଼ାକଡ଼ି କରିବା ପାଇଁ ଦାବି ହୋଇଛି।

## ସଂସ୍କୃତି ସମ୍ବର୍ଦ୍ଧନା କର୍ମଶାଳା

ଅନୁଗୋଳ ଅଫିସ୍, ୨।୨

ଅନୁଗୋଳ ଗାନ୍ଧୀମାର୍ଗ ସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରରେ ସଂସ୍କୃତି ସମ୍ବର୍ଦ୍ଧନା କର୍ମଶାଳା ଓ ଜେଜେ ମା, ଜେଜେ ବାପା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଯୋଗାଚାର୍ଯ୍ୟ ଅଭୟ କୁମାର ରାୟ ମୁଖ୍ୟଅତିଥି ଭାବେ ଉପସ୍ଥିତ ରହି ଶରୀରର ବିକାଶ ପାଇଁ ଯୋଗର ଆବଶ୍ୟକତା ସମ୍ବନ୍ଧରେ ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ଆୟୁର୍ବେଦ ଚିକିତ୍ସକ କବି ପ୍ରଭାକର ଦାସ ଯୋଗଦେଇ ଯୋଗ ଦ୍ୱାରା କିଭଳି ଏକ ସୁସ୍ଥ ସମାଜ ଗଠନ ସମ୍ଭବ ସେ ସମ୍ବନ୍ଧରେ ମତବ୍ୟକ୍ତ କରିଥିଲେ। ଆୟୋଜିତ ଜେଜେ ମା, ଜେଜେ ବାପା ସମ୍ମିଳନୀରେ ଅନୁଗୋଳ ସ୍ୱୟଂଶାସିତ ମହାବିଦ୍ୟାଳୟର ଅବସରପ୍ରାପ୍ତ କଳା ବିଭାଗ ଅଧ୍ୟାପକ ଆନନ୍ଦ ଚନ୍ଦ୍ର ମହାପାତ୍ର ମୁଖ୍ୟଅତିଥି ଭାବେ ଉପସ୍ଥିତ ଥିଲେ। ବିଦ୍ୟାଳୟ ସମ୍ପାଦକ ବିଜୟ କୁମାର ମୋଦି, ଯୁଗ୍ମ ସମ୍ପାଦକ ବିଜୟ କୁମାର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟ ସହ ପ୍ରଧାନ ଆଚାର୍ଯ୍ୟ ପ୍ରସନ୍ନ କୁମାର ପ୍ରଧା, ଯୁଗ୍ମ ସମ୍ପାଦକ ବିଜୟ କୁମାର ତ୍ରିପାଠୀ ସହଯୋଗ କରିଥିଲେ।

# ଜୈବବିବିଧତା ସୁରକ୍ଷା ପାଇଁ ଶପଥ




ଅନୁଗୋଳ ସହର, ୨।୨

ଅନୁଗୋଳ ବନଖଣ୍ଡ ସାନକେରେଜାଙ୍ଗ ଲକ୍ଷ୍ମୀପାଟଣା ବନ ସୁରକ୍ଷା ସମିତିରେ ରବିବାର ବିଶ୍ୱ ଆର୍ଦ୍ରଭୂମି ଦିବସ ପାଳିତ ହୋଇଯାଇଛି। ପ୍ରକୃତି ପରିବେଶ ଓ ବନ୍ୟଜୀବନ ସମିତି ଉଦ୍ୟମରେ ଅନୁଷ୍ଠିତ ଏକ ସଚେତନତା ବୈଠକରେ ବନସୁରକ୍ଷା ସମିତି ସଭାପତି ଦୁର୍ଯ୍ୟୋଧନ ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ବେସରକାରୀ ସଂସ୍ଥା ନିୟୁଜର ସମ୍ପାଦକ ତଥା ଓଡ଼ିଶା ଜୈବବିବିଧତା ବୋର୍ଡ ସଦସ୍ୟ ପ୍ରସନ୍ନ କୁମାର ବେହେରା, ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ତଥା କୋଶଳା ଜୈବବିବିଧତା ପରିଚାଳନା ସମିତି ଅଧ୍ୟକ୍ଷ ପ୍ରଦୀପ କୁମାର ସାହୁ, ଆମ ଜଙ୍ଗଲ ଯୋଜନା ଟିମ୍ ଲିଡର୍ ବିଜୟ କୁମାର ଜେନା, ବନପାଳ ସୋନାପିକା ପ୍ରିୟଦର୍ଶନୀ, ୱାର୍ଡ ସଭ୍ୟା ସୁନିତା ସାହୁ ପ୍ରମୁଖ ଯୋଗଦେଇ ଆର୍ଦ୍ରଭୂମିର ପ୍ରକାରଭେଦ, ଉତ୍ପତ୍ତି, ଉପକାରିତା ଉପରେ ଆଲୋଚନା କରିଥିଲେ। ଏଥିସହ ଜୈବବିବିଧତାର ସୁପରିଚାଳନା ଓ ସୁରକ୍ଷା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏହି ଅବସରରେ ବନ ସୁରକ୍ଷା ସମିତିର ସଭ୍ୟାସଭ୍ୟମାନେ ଜଙ୍ଗଲ, ପରିବେଶ, ଜୈବବିବିଧତା ଓ ଆର୍ଦ୍ରଭୂମି ସୁରକ୍ଷା ପାଇଁ ଶପଥପାଠ କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ନିୟୁଜ୍ ଅନୁଷ୍ଠାନର ବିକାଶ ଅଧିକାରୀ ସୁବ୍ରତ କୁମାର ପ୍ରଧାନ, ପ୍ରିୟବ୍ରତ ବେହେରା, ତାପସ କୁମାର ସାହୁ, ବନରକ୍ଷୀ ସିତରାଣୀ ବିଶ୍ୱାଳ, ପ୍ରଶାନ୍ତ କୁମାର ଦାସ ପ୍ରମୁଖ ସହଯୋଗ କରିଥିଲେ।

# ଟିକରପଡ଼ାରେ ନିଃଶୁଳ୍କ ଦନ୍ତ ଚିକିତ୍ସା ଶିବିର




ଅନୁଗୋଳ ଅଫିସ୍, ୨।୨

ଅନୁଗୋଳ ଜିଲା ଟିକରପଡ଼ା ପଞ୍ଚାୟତ କାର୍ଯ୍ୟାଳୟଠାରେ ଏକ ନିଃଶୁଳ୍କ ଦନ୍ତ ଚିକିତ୍ସା ଶିବିର ଆୟୋଜିତ ହୋଇଯାଇଛି। ସରପଞ୍ଚ ସୁମତି ଦଳବେହେରା ଏଥିରେ ଅତିଥି ଭାବେ ଯୋଗଦେଇଥିଲେ। ଆଇଡିଏର ବରିଷ୍ଠ ସଦସ୍ୟ ଡା. ଶଶାଙ୍କ ଶେଖର ସାହୁଙ୍କ ତତ୍ତ୍ୱାବଧାନରେ ଏକ ଡାକ୍ତରୀ ଦଳ ଯୋଗଦେଇ ୧୬୦ ଜଣ ରୋଗୀଙ୍କ ଦାନ୍ତ ପରୀକ୍ଷା କରିବା ସହ ମାଗଣା ଔଷଧ ବଣ୍ଟନ କରିଥିଲେ। ଡାକ୍ତରୀ ଦଳରେ ଡା. ଜନ୍ କୁଜୁର, ଡା. ରାମଚନ୍ଦ୍ର ବାରିକ, ଡା. ପି.ପି ସ୍ୱାଇଁ, ଡା. ଆଶିଷ ରାଉତ, ଡା. ପି.ପି ଗୌରବ, ଡା. ଲୋପାମୁଦ୍ରା କନର, ଡା. ଅଭିଜିତା ସାହୁ ଓ ଡା. ବିଶ୍ୱଜିତ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ରୋଗୀମାନଙ୍କୁ ମୁଖ ଗହ୍ୱର ଯତ୍ନ, ଦାନ୍ତ ଓ ମାଢ଼ିର ସୁରକ୍ଷା ନେବା ପାଇଁ ପରାମର୍ଶ ଦିଆଯାଇଥିଲା। ସତ୍ୟନାରାୟଣ ସାହୁ, ଅଭିଜିତ ସିଂଦେଓ, ଗଣେଶ୍ୱର ପ୍ରଧାନ, ବିଶ୍ୱଜିତ ବିଶ୍ୱାଳ, ସରୋଜ ସାମଲ ପ୍ରମୁଖ ଶିବିର ପରିଚାଳନା କରିଥିଲେ।

# ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ

ପାଲଲହଡ଼ା, ୨।୨(ଡି.ଏନ.ଏ.)

ପାଲଲହଡ଼ା ବ୍ଲକ ଈଶ୍ୱରନଗର ପଞ୍ଚାୟତରେ ଶୁକ୍ରବାର ବିଭିନ୍ନ ପ୍ରକଳ୍ପକୁ ବିଧାୟକ ମୁକେଶ କୁମାର ପାଲ ଉଦ୍‌ଘାଟନ କରିଛନ୍ତି। ପ୍ରଥମେ ଚତୁର୍ଦ୍ଦଶ ଅର୍ଥ କମିଶନ ଅର୍ଥରେ ନିର୍ମିତ ନୂତନ ସଭାଗୃହ, ପରେ ନବନିର୍ମିତ ପଞ୍ଚାୟତ ଦୋକାନ ଗୃହ ଉଦ୍‌ଘାଟିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷ ନବକିଶୋର ନାୟକ, ସମିତିସଭ୍ୟ ରଞ୍ଜନ କୁମାର ସେଠୀ, ନିଜିଗଡ ସମିତିସଭ୍ୟ ଦିଲୀପ କୁମାର ଉଦାବଳ ପ୍ରମୁଖ ଉପସ୍ଥିତ ଥିଲେ।




# ସିଏଏ ସପକ୍ଷରେ ଜନସମ୍ପର୍କ ଅଭିଯାନ

ଅନୁଗୋଳ ଅଫିସ୍, ୨।୨

ଅନୁଗୋଳ ଜିଲା ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀର କୁରୁଡୁଲ ଗ୍ରାମରେ ସିଏଏ (ନାଗରିକତ୍ୱ ସଂଶୋଧନ ଆଇନ) ସପକ୍ଷରେ ଭାଜପା ପକ୍ଷରୁ ଜନସମ୍ପର୍କ ଅଭିଯାନର ଶୁଭାରମ୍ଭ କରାଯାଇଥିଲା। କାର୍ଯ୍ୟକ୍ରମରେ ପର୍ଯ୍ୟବେକ୍ଷକ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଜିଲା ସାଧାରଣ ସମ୍ପାଦକ ଚୌଧୁରୀ ପ୍ରଧାନ, ମଣ୍ଡଳ ସଭାପତି ଫକୀର ମୋହନ ସାହୁ, ସଞ୍ଜୟ ସାହୁ, ପୂର୍ବତନ ସରପଞ୍ଚ ଦିବାକର ମହାଳିକ, ଉତ୍ତମ ପ୍ରଧାନ, ସମୀର ପ୍ରଧାନ, ହିମାଂଶୁ ପାତ୍ର, ମିଲୁ ପଟ୍ଟନାୟକ, ରାଜୀବ ଲୋଚନ ସାହୁ, ସୁଶୀଳ ସାହୁ, ନିଲୁ ପଟ୍ଟନାୟ ପ୍ରମୁଖ ଉପସ୍ଥିତ ରହି ୩୫ ପରିବାର ତଥା ଅନେକ ବୁଦ୍ଧିଜୀବୀ ଓ ବରିଷ୍ଠ ନାଗରିକଙ୍କ ସହିତ ଯୋଗାଯୋଗ କରି ସିଏଏ ସପକ୍ଷରେ ବୁଝାଇଥିଲେ।

# ସହରରେ ବେଆଇନ ଆପାର୍ଟମେଣ୍ଟ ନିର୍ମାଣ

■ତାମଡ଼ା, ଜିଲାପାଳଙ୍କ ନିକଟରେ ଅଭିଯୋଗ

■କନଷ୍ଟ୍ରକ୍ସନ୍ ମାଲିକଙ୍କୁ କାର୍ଯ୍ୟ ବନ୍ଦ, କାରଣ ଦର୍ଶାଅ ନୋଟିସ୍

ଅନୁଗୋଳ ସହର, ୨।୨

ଅନୁଗୋଳ ସହର ହୁଲୁରିସିଂହାଠାରେ ବେଆଇନ ଭାବେ ଏକ ଆପାର୍ଟମେଣ୍ଟ ନିର୍ମାଣ ହେଉଥିବା ଅଭିଯୋଗ ହୋଇଛି। ଜିଲାପାଳ, ତାଳଚେର-ଅନୁଗୋଳ-ମେରାମଣ୍ଡଳି ଡେଭଲପମେଣ୍ଟ ଅଥରିଟି(ତାମଡା) ସେକ୍ରେଟାରି ଏବଂ ଭୁବନେଶ୍ୱରସ୍ଥିତ ଓଡ଼ିଶା ରିୟଲ ଇଷ୍ଟେଟ ରେଗୁଲେଟାରି ଅଥରିଟିଙ୍କ ନିକଟରେ ଏ ନେଇ ଅଭିଯୋଗ କରାଯାଇଛି। ଅଭିଯୋଗ ପାଇବା ପରେ ତାମଡା ପକ୍ଷରୁ ଆପାର୍ଟମେଣ୍ଟର ଡାଇରେକ୍ଟରଙ୍କ ନିକଟକୁ ଚିଠି କରି କାର୍ଯ୍ୟବନ୍ଦ ନିର୍ଦ୍ଦେଶ ଦିଆଯିବା ସହ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି।

ସମ୍ପୃକ୍ତ ଆପାର୍ଟମେଣ୍ଟରେ ରହୁଥିବା ସଞ୍ଜୁକ୍ତା ସ୍ୱାଇଁ ଏବଂ ପୁଅ ଅର୍ପିତ ଅନୁପମ ପ୍ରଧାନଙ୍କ ଅଭିଯୋଗ ଅନୁଯାୟୀ, ୨୦୧୫ ଜୁନ ୧ ସୁଦ୍ଧା ଆପାର୍ଟମେଣ୍ଟର ୩ଟି ବ୍ଲକ କାର୍ଯ୍ୟ ସାରିବା ପାଇଁ ତାମଡା ପକ୍ଷରୁ ଅନୁମତି ଦିଆଯାଇଥିଲା। କିନ୍ତୁ ସେହି ସମୟରେ ୨ଟି ବ୍ଲକ କାର୍ଯ୍ୟ କରି ଲୋକମାନଙ୍କୁ ଫ୍ଲାଟ ବିକ୍ରି କରିଦିଆଯାଇଥିଲା। ଏବେ ଅନୁମତି ନ ଥାଇ ବେଆଇନ ଭାବେ ସେହି ଆପାର୍ଟମେଣ୍ଟରେ ବହୁତଳପ୍ରାସାଦ ନିର୍ମାଣ କରାଯାଉଛି। ସେଠାରେ ଘରକୁ ବାସୋପଯୋଗୀ ବା ଅକ୍ୟୁପେନ୍ସି ସାର୍ଟିଫିକେଟ୍ ତାମଡ଼ା ପକ୍ଷରୁ ମିଳିବା ଆବଶ୍ୟକ। ତାହା ନ ଥିବାବେଳେ ବ୍ଲକରେ ସମ୍ପୂର୍ଣ୍ଣ ଫାୟାର ସେଫ୍ଟିର ବ୍ୟବସ୍ଥା ମଧ୍ୟ ନାହିଁ। ଏବେ ସମ୍ପୂର୍ଣ୍ଣ ବେଆଇନ ଭାବେ ସେଠାରେ ୪ ମହଲା ବିଶିଷ୍ଟ ଘର ନିର୍ମାଣ କରାଯାଉଛି। ଗତ ଡିସେମ୍ବର ୧୨ରେ ବିଧିବଦ୍ଧ ଭାବେ ଅଭିଯୋଗ ହେବା ପରେ ଡିସେମ୍ବର ୨୭ରେ ନିର୍ମାଣ କାର୍ଯ୍ୟ ୧୦ ଦିନ ମଧ୍ୟରେ ବନ୍ଦ କରିବା ପାଇଁ ତାମଡା ପକ୍ଷରୁ ସମ୍ପୃକ୍ତ କନଷ୍ଟ୍ରକଶନ କମ୍ପାନୀକୁ ଚିଠି (ନଂ.୩୨୯୫) କରାଯାଇଥିଲା। ଏହା ସତ୍ତ୍ୱେ ଉକ୍ତ କମ୍ପାନୀ ପକ୍ଷରୁ କାର୍ଯ୍ୟ ବନ୍ଦ କରାଯାଇ ନ ଥିଲା। ଏ ନେଇ ଅଭିଯୋଗକାରୀ ଡିସେମ୍ବର ୩୦ରେ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିବା ପରେ ୩ ଦିନ ମଧ୍ୟରେ କ'ଣ ପଦକ୍ଷେପ ନିଆଯାଇଛି ସେ ସମ୍ପର୍କରେ ତାମଡାକୁ ଜିଲା ପ୍ରଶାସନ ଚିଠି କରିଥିଲେ। ଜିଲାପାଳଙ୍କ ଚିଠି ପାଇବା ପରେ ଜାନୁୟାରୀ ୨୦ରେ ଚିଠି ନଂ.୭୬ରେ ସମ୍ପୃକ୍ତ କନଷ୍ଟ୍ରକଶନ କମ୍ପାନୀକୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି।

ଏ ସମ୍ପର୍କରେ ତାମଡାର ସେକ୍ରେଟାରୀ ବଇତୁରା ଦୀପ୍‌ଙ୍କୁ ପଚାରିବାରେ ସେ କହିଛନ୍ତି ଯେ, ସଞ୍ଜୁକ୍ତା ଓ ଅର୍ପିତ ଅନୁପମଙ୍କ ଅଭିଯୋଗକ୍ରମେ ସମ୍ପୃକ୍ତ ଆପାର୍ଟମେଣ୍ଟର ଡାଇରେକ୍ଟରଙ୍କୁ କାର୍ଯ୍ୟ ବନ୍ଦ ପାଇଁ ଚିଠି କରାଯିବା ସହିତ କାରଣ ଦର୍ଶାଅ ନୋଟିସ୍ ମଧ୍ୟ ଜାରି କରାଯାଇଛି। ଏ ବିଷୟରେ ଆପାର୍ଟମେଣ୍ଟ ନିର୍ଦ୍ଦେଶକ ଆନନ୍ଦ କୁମାର ଅଗ୍ରୱାଲଙ୍କୁ ପଚାରିବାରେ କୁହନ୍ତି, କୌଣସି ବେଆଇନ କାମ ହୋଇନି। ମୋ ପାଖରେ ଅନୁମତିପତ୍ର ଅଛି। ଆସିଥିବା ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା ବୋଲି ସେ କହିଛନ୍ତି।


TALCHER-ANGUL-MERAMANDALI DEVELOPMENT AUTHORITY
ANGUL - 759122, PH : 06764 - 230560
ORDER UNDER SUB-SECTION (I) OF SECTION 92 OF THE ORISSA DEVELOPMENT AUTHORITY ACT, 1982
No. 3295 /TAMDA, ANGUL Dated the 27-12-2019
WHEREAS, the undersigned is satisfied that you
ORDER
Secretary TAMDA, Angul


IN THE COURT OF SECRETARY
TALCHER-ANGUL-MERAMANDALI DEVELOPMENT AUTHORITY (TAMDA) ANGUL, PH. 06764-230569
SHOW CAUSE NOTICE
Under Sub-section (I) of Section 91 of the Orissa Development Authority Act, 1982
No. 76 /TAMDA, Dated 20-1-20
Secretary, TAMDA

ତାମଡା ପକ୍ଷରୁ କରାଯାଇଥିବା ଚିଠି।

ଧରିତ୍ରୀର ଢେଙ୍କାନାଳ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର

ଢେଙ୍କାନାଳ ଅଫିସ- (୦୬୭୬୨)-୨୨୪୨୫୪, ଢେଙ୍କାନାଳ-୯୪୩୭୦୯୪୦୩୭, କାମାକ୍ଷାନଗର-୯୪୩୭୩୬୦୯୭୦, ଓଡ଼ାପଡ଼ା-୯୪୩୭୦୯୩୮୨୨, ହିନ୍ଦୋଳ-୭୮୯୪୪୬୨୯୦୫, ଭୁବନ-୭୮୯୪୪୬୨୯୦୭, ପରଜଙ୍ଗ-୯୯୩୭୮୬୪୨୯୧, ଭାପୁର-୯୯୩୭୦୭୯୭୭୦, ରାସୋଳ-୯୪୩୭୭୦୬୧୬୭, ସାତମାଇଲ-୯୯୩୭୭୫୧୪୨୮, ଅନୁଗୋଳ ଅଫିସ-(୦୬୭୬୪)-୨୩୭୫୫୬, ଅନୁଗୋଳ- ୯୮୫୩୮୪୯୧୨୩, ଅନୁଗୋଳ (ଫଟୋଗ୍ରାଫର)- ୯୮୬୧୨୨୦୬୫୫, ତାଳଚେର- ୦୪୩୭୨୯୨୪୭୮, କଣିହାଁ-୭୮୯୪୪୬୨୯୧୨, ବଅଁରପାଳ- ୭୮୯୪୪୬୨୯୧୬, ବନ୍ତଳା-୯୯୩୭୯୦୮୯୧୫, ଆଠମଲ୍ଲିକ- ୭୮୯୪୪୬୨୯୧୭, ମାଧପୁର-୯୯୩୭୬୪୪୫୫୨, ବଇଣ୍ଡା- ୭୮୯୪୪୬୨୯୧୮, ପାଲଲହଡ଼ା- ୭୮୯୪୪୬୨୯୨୧, ପବିତ୍ରନଗର- ୮୦୧୮୧୩୫୩୩୧।

## ସଂକ୍ଷେପରେ

### ପୋଖରୀରୁ ବୃଦ୍ଧଙ୍କ ମୃତଦେହ ଉଦ୍ଧାର

ପଦ୍ମପୁର,୨।୨(ଡି.ଏନ.ଏ.)-ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ବିରସ ଗ୍ରାମରେ ଏକ ପୋୖଖରୀରୁ ଜଣେ ଅଚିହ୍ନା ବୃଦ୍ଧଙ୍କ ମୃତଦେହ ଉଦ୍ଧାର କରାଯାଇଛି। ବୃଦ୍ଧ ଜଣଙ୍କ ସ୍ଥାନୀୟ ବଜାରରେ ଗତ କିଛିଦିନ ହେଲା ବୁଲାବୁଲି କରୁଥିଲେ। ତାଙ୍କର ମାନସିକ ବିକୃତି ଥିଲା ବୋଲି ଗ୍ରାମବାସୀ କହିଛନ୍ତି। ରବିବାର ଗ୍ରାମର କେତେଜଣ ବ୍ୟକ୍ତି ପୋଖରୀରେ ଜାଲ ପକାଇ ମାଛ ଧରୁଥିବାବେଳେ ବୃଦ୍ଧଙ୍କ ମୃତଦେହ ଜାଲରେ ପଡ଼ିଥିଲା। ଗ୍ରାମବାସୀ ଏ ସମ୍ପର୍କରେ କଷିଆ ସାମୁଦ୍ରିକ ଥାନାକୁ ଜଣାଇଥିଲେ। ପୋଲିସ ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଜିଲା ଚିକିତ୍ସାଳୟକୁ ପଠାଇ ଘଟଣାର ତଦନ୍ତ କରୁଛି।

### ବାଇକ୍‌ରୁ ପଡ଼ି ଯୁବକ ମୃତ

ଧାମନଗର,୨।୨(ଡି.ଏନ.ଏ.)-ଭଦ୍ରକ ଜିଲା ଧାମନଗର ବ୍ଲକ ଅସୁରାଳି ମଙ୍ଗଳପୁର ରାସ୍ତାରେ ବାଇକ୍‌ରୁ ପଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଧାମନଗର ଥାନା ଅଧୀନ ବିଷ୍ଣୁପୁର ଗ୍ରାମର କୃଷ୍ଣଚନ୍ଦ୍ର ଜେନା (୨୮)। ସୂଚନା ଅନୁଯାୟୀ, ଶନିବାର ରାତିରେ କୃଷ୍ଣଚନ୍ଦ୍ର ଜଣେ ସାଥୀଙ୍କ ସହିତ ବାଇକ୍‌ରେ ଯାତ୍ରା ଦେଖିବାକୁ ଅସୁରାଳି ଯାଇଥିଲେ। ମଙ୍ଗଳପୁର ରାସ୍ତାରେ ସେ ହଠାତ୍ ବାଇକ୍‌ରୁ ପଡ଼ି ଯିବାରୁ ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ବାଇକ୍ ଚାଳକ ଗାଡ଼ି ଛାଡ଼ି ଫେରାର ହୋଇଯାଇଛନ୍ତି। ଖବର ପାଇ ଧୂଷୁରୀ ଥାନା ଏଏସ୍‌ଆଇ ଧୃତରାଷ୍ଟ୍ର ମଲ୍ଲିକ ପହଞ୍ଚି ବାଇକ୍ ଜବତ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ଭଦ୍ରକ ଡାକ୍ତରଖାନାକୁ ପଠାଇଥିଲେ। ତେବେ ଚାଳକ ଫେରାର ହୋଇଯାଇଥିବାରୁ କୃଷ୍ଣଚନ୍ଦ୍ରଙ୍କ ମୃତ୍ୟୁ ସମସ୍ତଙ୍କୁ ସନ୍ଦେହରେ ପକାଇଛି। ଏ ନେଇ ଥାନାରେ ଏକ ମାମଲା(ନଂ.୨୭/୨୦) ରୁଜୁ କରାଯାଇ ଘଟଣାର ତଦନ୍ତ ଜାରି ରହିଛି।

### ରୋଗ ଯନ୍ତ୍ରଣା ସହି ନ ପାରି ବିଷ ପିଇଲେ ମହିଳା

ବଡ଼ସାହି,୨।୨(ସ୍ୱ.ପ୍ର)- ଦୀର୍ଘଦିନ ଧରି ରୋଗରେ ଆକ୍ରାନ୍ତ ହୋଇଥିବା ମହିଳା ଜଣକ ବିଷପିଇ ମୃତ୍ୟୁବରଣ କରିଛନ୍ତି । ମହିଳା ଜଣକ ହେଲେ ବଡ଼ସାହି ଥାନା ଅଧୀନ ବଣତାଳପଦା ଗ୍ରାମର ଜୁଇମଣି ବେହେରା(୫୫)। ଏ ସଂକ୍ରାନ୍ତରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୫/୨୦) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରିଛି । ପୋଲିସ ସୂତ୍ରରୁ ପ୍ରକାଶ, ଜୁଇମଣି ଦୀର୍ଘ ଦିନ ଧରି ମଧୁମେହ ଓ ଉଚ୍ଚ ରକ୍ତଚାପ ରୋଗରେ ପୀଡିତ ଥିଲେ । ଆର୍ଥିକ ସ୍ଥିତି ଠିକ ନ ଥିବାରୁ ଚିକିତ୍ସା ବାଧକ ସାଜିଥିଲା। ରୋଗ ଯନ୍ତ୍ରଣା ସହି ନ ପାରି ଶେଷରେ ଶନିବାର ବିଳମ୍ବିତ ରାତିରେ ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ପରିବାର ଲୋକ ଜାଣିବା ପରେ ତାଙ୍କୁ ବାରିପଦା ପିଆର୍‌ଏମ ମେଡିକାଲରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା ।

### ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ

ସଜନାଗଡ, ୨।୨(ଡି.ଏନ.ଏ.)
ନୀଳଗିରି ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ ପରେ ବଳାତ୍କାର କରାଯାଇଥିବା ନେଇ ନାବାଳିକାଙ୍କ ପରିବାର ଲୋକେ ରବିବାର ନୀଳଗିରି ଥାନାରେ ଅଭିଯୋଗ କରିଛନ୍ତି। ଥାନାର ସବ୍‌ଇନ୍ସପେକ୍ଟର ଗଣେଶ ତ୍ରିପାଠୀ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି।

# ‘ବ୍ୟାପକ ହେଉ କଳାକାରଙ୍କୁ ଚିହ୍ନଟ ପ୍ରକ୍ରିୟା’

ଢେଙ୍କାନାଳ ଅଫିସ, ୨।୨



ନାଟ୍ୟକାର ଦିଲ୍ଲୀଶ୍ୱର ମହାରଣାଙ୍କୁ ‘କାରୁବାକୀ ନାଟ୍ୟ ସମ୍ମାନ’ରେ ସମ୍ମାନିତ କରାଯାଉଛି।

- ସରିଲା କାରୁବାକୀ ମହୋତ୍ସବ
- ନାଟ୍ୟକାର ଦିଲ୍ଲୀଶ୍ୱରଙ୍କୁ ‘କାରୁବାକୀ ନାଟ୍ୟ ସମ୍ମାନ’

ସାଂସ୍କୃତିକ ଅନୁଷ୍ଠାନ ଶତରୂପା ପକ୍ଷରୁ ସ୍ଥାନୀୟ ଷ୍ଟାଡିୟମ୍‌ରେ ଦୁଇଦିନ ଧରି ଆୟୋଜିତ ହେଉଥିବା କାରୁବାକୀ ମହୋତ୍ସବ ରବିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଏମ୍‌ପି ମହେଶ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, କଳା ଏବଂ କଳାକାରଙ୍କୁ ନେଇ ଢେଙ୍କାନାଳ ସମୃଦ୍ଧ। ଏପରି ଉତ୍ସବ କଳାକାରଙ୍କୁ ଆଗକୁ ବଢ଼ିବାରେ ସହାୟକ ହେଉଛି। ପ୍ରତିଭାବାନ କଳାକାରଙ୍କୁ ଚିହ୍ନଟ କରି ଲୋକଲୋଚନକୁ ଆଣିବାର ପ୍ରକ୍ରିୟା ବ୍ୟାପକ କରିବା ପାଇଁ ଏମ୍‌ପି ପରାମର୍ଶ ଦେଇଥିଲେ।

ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ବିଚାରପତି ଭିକାରୀ ଚରଣ ରାଉତ, ଶିକ୍ଷାବିତ୍ ଦୀନେଶ ପଟ୍ଟନାୟକ, ଅଟଳ ବିହାରୀ ଦାସ, ମିଳିତବଜାର ପୂଜା କମିଟି ସଭାପତି ବିଶ୍ୱନାଥ ବେହେରା, କବି ବସନ୍ତ କୁମାର ପଟ୍ଟନାୟକ ପ୍ରମୁଖ ଯୋଗଦେଇ କଳାକାରମାନେ ସମାଜର ସଂହତି ଓ ଏକତାର ବାର୍ତ୍ତାବହ ବୋଲି ମତବ୍ୟକ୍ତ କରିଥିଲେ। ଉତ୍ସବରେ ଅନୁଷ୍ଠାନର ଅଧ୍ୟକ୍ଷ ବାଦଲ ବିହାରୀ ପଟ୍ଟନାୟକ ସଭାପତିତ୍ୱ କରିଥିବାବେଳେ ସମ୍ପାଦକ ତିମିରସୁ ପଟ୍ଟନାୟକ ମଞ୍ଚାସୀନ ଥିଲେ। ଏହି ଅବସରରେ ବିଶିଷ୍ଟ ନାଟ୍ୟକାର ଦିଲ୍ଲୀଶ୍ୱର ମହାରଣାଙ୍କୁ ‘କାରୁବାକୀ ନାଟ୍ୟ ସମ୍ମାନ’, ବେବି ଶତପଥୀଙ୍କୁ ସାହିତ୍ୟ ସମ୍ମାନ, ବଜରଙ୍ଗ କ୍ଲବକୁ ସେବା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଶେଷରେ ଦଳଗତ ଓଡ଼ିଶୀ ନୃତ୍ୟ, ଗଣେଶ ବନ୍ଦନା ଏକଦନ୍ତମ୍ ସମେତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।


କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅଭିଭାବକମାନେ।

## ଘର ହିଁ ବିଦ୍ୟାଳୟ ପ୍ରକଳ୍ପ କାର୍ଯ୍ୟକ୍ରମ

ବଇଣ୍ଡା,୨।୨(ଡି.ଏନ.ଏ.)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ବଇଣ୍ଡା ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ଶନିବାର ଘର ହିଁ ବିଦ୍ୟାଳୟ ପ୍ରକଳ୍ପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ ରବୀନ୍ଦ୍ରନାଥ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମଧ୍ୟ ସମ୍ଭାଗ ଶିଶୁ ବାଟିକା ଶୈକ୍ଷିକ ସଂଯୋଜକ ପବିତ୍ରମୋହନ ପଣ୍ଡା ଯୋଗଦେଇ ପ୍ରତି ମାତାପିତାଙ୍କ ଭୂମିକା, ଖାଦ୍ୟପେୟ, ପୋଷାକପତ୍ର, ଆଚାର ବ୍ୟବହାର ସମ୍ପର୍କରେ ପରାମର୍ଶ ଦେଇଥିଲେ। ଏଥିରେ ୨୫ ଜଣ ଅଭିଭାବକ ଯୋଗ ଦେଇଥିଲେ। ମୀନାକ୍ଷୀ ପ୍ରଧାନ ଧନ୍ୟବାଦ ଦେଇଥିଲେ। ଶୁଭଶ୍ରୀ ରାଉଳ, ମୋନାଲିସା ସାହୁ, ରତ୍ନମଞ୍ଜରୀ ସାହୁ, ବବିତା ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

## ନିହଳପ୍ରସାଦ ଚାମ୍ପିୟନ


ଚାମ୍ପିୟନ ନିହଳପ୍ରସାଦ ଦଳକୁ ଟ୍ରଫି ପ୍ରଦାନ କରାଯାଉଛି।

ଢେଙ୍କାନାଳ ଅଫିସ, ୨।୨

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ବେଗା ପଞ୍ଚାୟତ କରଡ଼ାବଣି ଗ୍ରାମରେ ଚାଲିଥିବା ପ୍ରଥମ ସାବିତ୍ରୀ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ତରଞ୍ଜିଆକୁ ହରାଇ ନିହଳପ୍ରସାଦ ଚାମ୍ପିୟନ ହୋଇଛି। ପ୍ରଥମେ ବ୍ୟାଟିଂ କରି ତରଞ୍ଜିଆ ୧୧ ଓଭରରେ ୫୦ରନ କରିଥିଲା। ଜବାବରେ ନିହଳପ୍ରସାଦ ୧୦ ଓଭରରେ ୨ଉଇକେଟ ହରାଇ ୫୧ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା।

ଉଦ୍‌ଯାପନୀ ଦିବସରେ ଜିଲା ପରିଷଦ ଉପାଧ୍ୟକ୍ଷ କୋଦଣ୍ଡଧର ସାହୁ, ସମ୍ମାନିତ ଅତିଥି ସାମାଜିକ କର୍ମୀ ସଂଗ୍ରାମ ଶତପଥୀ ଯୋଗଦେଇ ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଟୁର୍ନାମେଣ୍ଟକୁ କରଡ଼ାବଣି ଗ୍ରାମର ମା’ ମଙ୍ଗଳା କ୍ରିକେଟ ଦଳର ସଦସ୍ୟ ପରିଚାଳନା କରିଥିଲେ। ପ୍ରତିଯୋଗିତାରେ ୧୬ଟି ଦଳ ଭାଗ ନେଇଥିଲେ। ଟୁର୍ନାମେଣ୍ଟର ଉଦଘାଟନୀ ଦିବସରେ ମୁଖ୍ୟଅତିଥି ଇଂ. ପ୍ରଫୁଲ୍ଲ କୁମାର ଲେଙ୍କା, ସମ୍ମାନିତ ଅତିଥି ଭାବେ ଇଂ. ନିରଞ୍ଜନ ରାଉଳ, ସରପଞ୍ଚ ସୁଧାଂଶୁବାଳା ସାହୁ, ଶିକ୍ଷକ ହରପ୍ରସାଦ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ଚୋରାକାଠ କାରଖାନାରେ ଚଢ଼ାଉ

ବାରିପଦା ଅଫିସ, ୨।୨

ମୟୂରଭଞ୍ଜ ଜିଲା ବାରିପଦା ବନଖଣ୍ଡ ଅଧୀନ ବାଗଦିଆ ଗଉଡଡିଆଠାରେ ବନବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ଲକ୍ଷାଧିକ ଟଙ୍କାର କାଠ ଜବତ କରାଯାଇଛି। ସେଠାରେ କାଠ ମିସ୍ତ୍ରୀ ଥିବା ଜଣେ ବ୍ୟକ୍ତିଙ୍କୁ ବନ ବିଭାଗ ଗିରଫ କରିଛି। ତାଙ୍କ ନାମ ଚାନ୍ଦ ମହମ୍ମଦ ମଲ୍ଲିକ ହୋଇଥିବା ବେଳେ ଘର ମୁର୍ଶିଦାବାଦରେ ବୋଲି ଜଣାପଡ଼ିଛି। ବାଗଦିଆଠାରେ ଏକ ଅବ୍ୟବହୃତ କୁକୁଡ଼ା ଫାର୍ମ ଥିବା ବେଳେ ଏହା ପଛପଟେ ଚୋରାରେ କାଠ କାରଖାନା କରାଯାଇଥିଲା। ଏହି କାରଖାନାରେ ଚୋରାରେ କାଠ କଟାଯାଇ ଏହାକୁ ବିଭିନ୍ନ ଆସବାବପତ୍ର କରି ବିକ୍ରି କରାଯାଏ। ବନ ବିଭାଗ ବିଶେଷ ସୂତ୍ରରୁ ଖବର ପାଇ ରବିବାର ଅପରାହ୍ନରେ ସେଠାରେ ଚଢ଼ାଉ କରିଥିଲା। ଶାଳ, ପିଆଶାଳ, ଶାଗୁଆନ ଆଦି ୧୫୦ରୁ ଊର୍ଦ୍ଧ୍ୱ ଲଗକୁ ଜବତ କରାଯାଇଥିଲା। କାଠର ଆନୁମାନିକ ମୂଲ୍ୟ ୩ ଲକ୍ଷ ଟଙ୍କା ହେବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ଶୃଙ୍ଖଳିତ ହେଲେ ସଫଳତା ମିଳିବ


ବିଦ୍ୟାଳୟ ବାର୍ଷିକ ଉତ୍ସବରେ ଅତିଥିମାନେ।

ପାଲଲହଡ଼ା,୨।୨(ଡି.ଏନ.ଏ.)

ପାଲଲହଡ଼ା ଉପଖଣ୍ଡ ଖମାରର ସର୍ବପୁରାତନ ବିଦ୍ୟାଳୟ ଭାବେ ପରିଚିତ ଉତ୍କଳମଣି ଗୋପବନ୍ଧୁ ଉଚ୍ଚ ବିଦ୍ୟାପୀଠର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ପାଲଲହଡା ବିଧାୟକ ମୁକେଶ କୁମାର ପାଲ, ମୁଖ୍ୟବକ୍ତା ଭାବେ ଉତ୍କଳମଣି ଗୋପବନ୍ଧୁ ମହାବିଦ୍ୟାଳୟର ଇଂଲିଶ ଅଧ୍ୟାପକ ଅକ୍ଷୟ ପଣ୍ଡା, ସମ୍ମାନିତ ଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପରିଡା ଯୋଗ ଦେଇଥିଲେ । ଜୀବନରେ ଶୃଙ୍ଖଳିତ ହେଲେ ସଫଳତା ମିଳିବ ବୋଲି ମୁଖ୍ୟଅତିଥି ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ପ୍ରଧାନଶିକ୍ଷକ ବିଜୟ କୁମାର ନନ୍ଦ ଅତିଥି ପରିଚୟ ଦେଇଥିଲେ। ଶେଷରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ଦୋବାଟି ଗାଁରୁ ହରିଣ ଉଦ୍ଧାର

ସଜନାଗଡ଼,୨।୨(ଡି.ଏନ.ଏ.)

ଶିମିଳିପାଳ ଅଭୟାରଣ୍ୟରୁ ଏକ ହରିଣ ଦିଗହରା ହୋଇ ନୀଳଗିରି ରେଞ୍ଜ ଅଧୀନ ବେଗୁନିଆ ପଞ୍ଚାୟତର ଦୋବାଟି ଗ୍ରାମରେ ବୁଲୁଥିବା ରବିବାର କେତେକ ଗ୍ରାମବାସୀ ଦେଖିଥିଲେ। ପରେ ଗ୍ରାମବାସୀ ଏକଜୁଟ ହୋଇ ହରିଣକୁ ଉଦ୍ଧାର କରି ନୀଳଗିରି ବନବିଭାଗକୁ ଖବର ଦେବା ପରେ ବନବିଭାଗ ଘଟଣାସ୍ଥଳରେ ପହଞ୍ଚି ସୁସ୍ଥ ହରିଣକୁ ଉଦ୍ଧାର କରି କୁଲଡ଼ିହା ଅଭୟାରଣ୍ୟରେ ଛାଡ଼ିଥିବା ଜଣାପଡିଛି।

## ଅଗ୍ନିବିପନ୍ନଙ୍କୁ ସହାୟତା


ବିପନ୍ନଙ୍କୁ ସହାୟତା ପ୍ରଦାନ କରାଯାଉଛି।

ତାଳଚେର,୨।୨(ନି.ପ୍ର.)

ତାଳଚେର ବ୍ଲକ କଳମଛୁଇଁ ଗ୍ରାମସ୍ଥିତ ‘ମା ହିଙ୍ଗୁଳା ପାଠାଗାର’ ପକ୍ଷରୁ ବଅଁରପାଳ ବ୍ଲକ ବଳରାମପ୍ରସାଦ ଗ୍ରାମ ପୂର୍ବପାଟଣା ସାହିର ୪ଟି ଅଗ୍ନିବିପନ୍ନ ପରିବାରକୁ ସହାୟତା ପ୍ରଦାନ କରାଯାଇଛି । ପାଠାଗାରର ସଦସ୍ୟମାନେ ଅଗ୍ନିବିପନ୍ନ ସାହିର ଚିନ୍ତା ବେହେରା, ଭ୍ରମର ବେହେରା, ବାବାଜୀ ବେହେରା, ଜାନକୀ ବେହେରାଙ୍କ ପରିବାରକୁ ଭେଟି ସମବେଦନା ଜଣାଇବା ସହ ପୋଷାକ, କମ୍ବଳ, ଖାଦ୍ୟ ସାମଗ୍ରୀ ଆଦି ପ୍ରଦାନ କରିଥିଲେ । ପାଠାଗାରର ବରିଷ୍ଠ ଉପଦେଷ୍ଟା ପ୍ରଭାକର ପ୍ରଧାନ, ସମ୍ପାଦକ ବିଭୂତି ଭୂଷଣ ସ୍ୱାଇଁ, କୋଷାଧ୍ୟକ୍ଷ ଦୟାନିଧି ସାହୁ, ଜଗବନ୍ଧୁ ବାରିକ, ନକୁଳ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ମାରଣାସ୍ତ୍ର ଦେଖାଇ ୭୦ ହଜାର ଲୁଟ୍

ବଡ଼ସାହି,୨।୨(ସ୍ୱ.ପ୍ର.)

ମୟୂରଭଞ୍ଜ ଜିଲା ବଡ଼ସାହି ଥାନା ଅଧୀନ ବଡ଼ସାହି-ମାଣତ୍ରୀ ରାସ୍ତାର ଅଙ୍ଗାରୀ ନିକଟରେ ଶନିବାର ବିଳମ୍ବିତ ରାତିରେ ଦୁଇଜଣ ଦୁର୍ବୃତ୍ତ ମାରଣାସ୍ତ୍ର ଦେଖାଇ ୭୦ ହଜାର ଟଙ୍କା ଲୁଟି ନେଇଛନ୍ତି। ବଡ଼ସାହି ଥାନା ଅଧୀନ ଖଳିତକ ଗ୍ରାମର ମନୋଜ ପାଣିଗ୍ରାହୀଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା (ନଂ.୧୭/୨୦) ରୁଜୁ କରି ତଦନ୍ତ ଚଳାଇଛି।

ଅଭିଯୋଗ ଅନୁଯାୟୀ, ଯାତ୍ରା ଦରବାର ମାଲିକଙ୍କ ଭାଇ ମନୋଜ ଓ ମ୍ୟାନେଜର ମିଥୁନ ଉପାଧ୍ୟାୟ ଏକ ବାଇକ୍‌ରେ ଖୁଣ୍ଟା ଥାନା ଭୋଲାଗଡିଆ ଗ୍ରାମରେ ଚାଲିଥିବା ଯାତ୍ରା ପଡ଼ିଆକୁ ଯାଉଥିଲେ। ରାତି ପ୍ରାୟ ୧୨ଟା ବେଳେ ପଛପଟୁ ଏକ ସ୍କୁଟିରେ ଦୁଇଜଣ ଦୁର୍ବୃତ୍ତ ଆସି ସେମାନଙ୍କୁ ଅଟକାଇବା ସହିତ ମାରଣାସ୍ତ୍ର ଦେଖାଇ ମାଡ଼ ମାରିଥିଲେ। ଭୁଜାଲି ଓ ବନ୍ଧୁକ ସାହାଯ୍ୟରେ ମାଡ଼ ମାରିବା ପରେ ସେମାନଙ୍କ ପାଖରେ ଥିବା ୭୦ ହଜାର ଟଙ୍କା ଛଡ଼ାଇ ନେଇ ପଳାଇ ଯାଇଥିଲେ। କୌଣସି ପ୍ରକାରେ ସେମାନେ ବଡ଼ସାହି ଡାକ୍ତରଖାନାକୁ ଯାଇଥିଲେ। ସେଠାରୁ ସେମାନଙ୍କୁ ବାରିପଦା ପିଆରଏମ୍ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସୁସ୍ଥ ହୋଇ ଫେରିବା ପରେ ମନୋଜ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସ୍କୁଟିରେ ଆସି ଦୁର୍ବୃତ୍ତ ଲୁଟ୍ କରିବା ନେଇ ସନ୍ଦେହ ପ୍ରକାଶ ପାଇଥିବାବେଳେ ତଦନ୍ତ ପରେ ପ୍ରକୃତ ରହସ୍ୟ ଉନ୍ମୋଚିତ ହେବ ବୋଲି ଆଇଆଇସି ଜୟନ୍ତ ବେହେରା ସୂଚନା ଦେଇଛନ୍ତି।

## ବିବେକାନନ୍ଦ ଶିକ୍ଷାକେନ୍ଦ୍ରର କ୍ରୀଡ଼ା ଉତ୍ସବ


କ୍ରୀଡ଼ା ଉତ୍ସବ ଅବସରରେ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ଉପସ୍ଥିତ।

ବଅଁରପାଳ,୨।୨ (ଡି.ଏନ୍.ଏ.)

ବଅଁରପାଳ ବ୍ଲକ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ଚତୁର୍ଥ ବାର୍ଷିକ କ୍ରୀଡ଼ା ଉତ୍ସବ ବନ୍ଦା ଖେଳପଡ଼ିଆ ଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ପ୍ରଧାନ ଶିକ୍ଷକ କୁମୁଦ ବିହାରୀ ସିଂହ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ସବ୍‌ଇନ୍ସପେକ୍ଟର କୁଳମଣି ସାହୁ ଯୋଗଦେଇଥିଲେ। ମୁଖ୍ୟ ଅତିଥି କ୍ରୀଡ଼ା ଉତ୍ସବକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷାକେନ୍ଦ୍ରର ଦୁଇ କ୍ରୀଡ଼ା ପ୍ରମୁଖ ଉପେନ୍ଦ୍ର କୁମାର ସାମଲ ଓ ସସ୍ମିତା ସାହୁଙ୍କ ସମେତ ଅନ୍ୟ ଗୁରୁମା ଓ ଗୁରୁଜୀମାନେ ପରିଚାଳନା କରିଥିଲେ। ପ୍ରଧାନ ଆଚାର୍ଯ୍ୟ ସୁଷମା ସାହୁ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ପରିଚାଳନା କମିଟିର ସଭ୍ୟ ସତ୍ୟାନନ୍ଦ ରାଉତ, ସୁରେନ୍ଦ୍ର ପରିଡ଼ା, ଗୌତମଦେବ ସାହୁ ଓ ବିକାଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଅଭିମନ୍ୟୁ ସ୍ମାରକୀ କ୍ରିକେଟ: ଢେଙ୍କାନାଳ ଚାମ୍ପିୟନ


ଟ୍ରଫି ସହ ଚାମ୍ପିୟନ ଦଳର ଖେଳାଳିମାନେ।

ଭୁବନ, ୨।୨(ଡି.ଏନ.ଏ.)

ଢେଙ୍କାନାଳ ଜିଲା ଭୁବନ ବ୍ଲକ କିଙ୍ଗୋଳ ଅସୁରବନ୍ଧ ଖେଳପଡ଼ିଆରେ ଚାଲିଥିବା ଅଭିମନ୍ୟୁ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ରବିବାର ଖେଳାଯାଇଥିବା ଫାଇନାଲ ମ୍ୟାଚ୍‌ରେ ଭୁବନକୁ ହରାଇ ଢେଙ୍କାନାଳ ଚାମ୍ପିୟନ ହୋଇଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଢେଙ୍କାନାଳ ଦଳ ନିର୍ଦ୍ଧାରିତ ୨୨ ଓଭରରେ ୩ ଉଇକେଟ ହରାଇ ୨୭୬ ରନ କରିଥିଲା। ବିକାଶ ରାଉତ ୩୪ ବଲ୍‌ରୁ ଧୂଆଁଧାର ୯୬ ରନ୍ କରିଥିଲେ। ସୁନୀଲ ସାହୁ ୪୫ ବଲ୍‌ରୁ ୮୦ ରନ୍‌ର ଗୁରୁତ୍ୱପୂର୍ଣ୍ଣ ଇନିଂସ ଖେଳିଥିଲେ। ଜବାବରେ ଭୁବନ କ୍ରିକେଟ କ୍ଲବ ୨୨ ଓଭରରେ ୯ ଉଇକେଟ ହରାଇ ୨୬୮ରନ ସଂଗ୍ରହ କରି ପରାଜିତ ହୋଇଥିଲେ। ବାବୁ ବର୍ଦ୍ଧନ ୨୮ ବଲ୍‌ରୁ ୮୪ ରନ କରିଥିଲେ ମଧ୍ୟ ତାହା ଜିତିବା ଲାଗି ଯଥେଷ୍ଟ ହୋଇ ନ ଥିଲା। ଅଲ୍‌ରାଉଣ୍ଡର ପ୍ରଦର୍ଶନ ପାଇଁ ଚାମ୍ପିୟନ ଦଳର ବିକାଶ ରାଉତଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା। ପୁରସ୍କାର ସ୍ୱରୂପ ତାଙ୍କୁ ୫ ହଜାର ଟଙ୍କା ଦିଆଯାଇଥିଲା। ସେହିପରି ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବେ ମୋହନ ସାହୁଙ୍କୁ ୧୫ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ବୁଲୁ ପଟ୍ଟନାୟକ, ବିପିନବିହାରୀ ସେଠୀ ମ୍ୟାଚ୍ ପରିଚାଳନା କରିଥିବାବେଳେ ସୋମନାଥ ପରିଡ଼ା, ଯଶୋବନ୍ତ ଧୀର ଏବଂ ପ୍ରଶାନ୍ତ କୁମାର ବରାଳ ଧାରା ବିବରଣୀ ପ୍ରଦାନ କରିଥିଲେ।

ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ, ସମ୍ମାନିତ ଅତିଥି ମାୟାଧର ପଣ୍ଡା ଯୋଗଦେଇ ବିଜେତା ଦଳକୁ ୧୦ ହଜାର ଏବଂ ଉପ ବିଜେତା ଦଳକୁ ୭ ହଜାର ଟଙ୍କା ପୁରସ୍କାର ପ୍ରଦାନ କରିଥିଲେ। ଆୟୋଜକ ପ୍ରଶାନ୍ତି କ୍ରିକେଟ କ୍ଲବର ବରିଷ୍ଠ କର୍ମକର୍ତ୍ତା ପ୍ରତାପ ମିଶ୍ର, ନୀଳାଦ୍ରି ବିହାରୀ ଧୀର, ଅଜିତ ଧୀର, ଜ୍ଞାନରଞ୍ଜନ ପଣ୍ଡା, ସୌମ୍ୟରଞ୍ଜନ ପଣ୍ଡା, ରତିକାନ୍ତ ଧୀର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ,ସୋମବାର, ଫେବୃୟାରୀ ୩ / ୨୦୨୦, Dhenkanal, Monday, February 3 / 2020

## ସଂକ୍ଷେପରେ

### ଆନ୍ତଃ କୋଇଲା କ୍ଷେତ୍ର କ୍ରୀଡ଼ା ପ୍ରତିଯୋଗିତା

ତାଳଚେର,୨।୨(ନି.ପ୍ର.): ଜଗନ୍ନାଥ କୋଇଲା କ୍ଷେତ୍ର ଆନୁକୂଲ୍ୟରେ ବଲଣ୍ଡା ବ୍ଲକ ଡାଇମଣ୍ଡ ଷ୍ଟାଡ଼ିୟମଠାରେ ଏମସିଏଲ ପକ୍ଷରୁ ଦୁଇଦିନିଆ ଆନ୍ତଃ କୋଇଲା କ୍ଷେତ୍ର କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ତାଳଚେର ଏସ୍‌ଡିପିଓ ସିଦ୍ଧାର୍ଥ କାଟାରିଆ ଯୋଗଦେଇ କର୍ମଚାରୀମାନଙ୍କୁ କ୍ରୀଡ଼ା କ୍ଷେତ୍ରରେ ଏଭଳି ସୁବିଧା ସୁଯୋଗ ଯୋଗାଇ ଦେଇଥିବାରୁ ଏମ୍‌ସିଏଲକୁ ସାଧୁବାଦ ଜଣାଇଥିଲେ। ସମ୍ମାନିତ ଅତିଥି ଭାବେ ଜଗନ୍ନାଥ କ୍ଷେତ୍ର ମହାପ୍ରବନ୍ଧକ ଏମ.ଜି ବ୍ରହ୍ମପୁରକର ଯୋଗଦେଇ କ୍ରୀଡ଼ାର ଉପକାରିତା ଉପରେ ମତ ରଖିଥିଲେ। ଅନ୍ୟତମ ଅତିଥିଭାବେ ଶ୍ରମିକ ନେତା ଶଙ୍କର ବେହେରା, ସୁବ୍ରତ ମାଝି, ସୁରେନ୍ଦ୍ର ଶର୍ମା, କେ. ସି. ମହାନ୍ତି, ବ୍ରହ୍ମା ନାୟକ, ବି ଏନ୍. ସିଂହ ପ୍ରମୁଖ ଯୋଗଦେଇ ଥିଲେ। ଏଥିରେ ଏମସିଏଲର ୧୪ଟି ଦଳ ଅଂଶଗ୍ରହଣ କରିଥିଲେ।

### ଶାନ୍ତି ଶୃଙ୍ଖଳା ରକ୍ଷାକୁ ଗୁରୁତ୍ୱ

ତାଳଚେର,୨।୨(ନି.ପ୍ର.): ତାଳଚେର ଥାନା ଆମ ପୋଲିସ୍ ସମିତି ପକ୍ଷରୁ ବନ୍ତୁଲ ପଞ୍ଚାୟତ କାର୍ଯ୍ୟାଳୟରେ ଏକ ବୈଠକ ଶନିବାର ଅପରାହ୍ଣରେ ଅନୁଷ୍ଠିତ ହୋଇଯାଇଛି। ସବ୍‌ଇନ୍ସପେକ୍ଟର ଶ୍ରୀନିବାସ ସେଠୀ ବୈଠକର ଉଦ୍ଦେଶ୍ୟ ଓ ଆବଶ୍ୟକତା ଉପରେ ଆଲୋଚନା କରିଥିଲେ। ପଞ୍ଚାୟତର ଉନ୍ନତି, ଶାନ୍ତି ଶୃଙ୍ଖଳା ରକ୍ଷା, ଟ୍ରାଫିକ୍ ସମସ୍ୟା, ଦେଶୀ ମହୁଲି ମଦ ଉପରେ କଟକଣା, ନାରୀ ନିର୍ଯାତନା ରୋକିବା, ବୃକ୍ଷରୋପଣ, ପରିବେଶ ସୁରକ୍ଷା ଓ ହେଲମେଟ୍ ବ୍ୟବହାର ଉପରେ ଗୁରୁତ୍ୱ ଦିଆଯାଇ ଏ ନେଇ ଗ୍ରାମବାସୀଙ୍କୁ ସଚେତନ କରାଯାଇଥିଲା। ସେହିପରି ଏଏସ୍‌ଆଇ ସୁନାକର ସ୍ୱାଇଁ ବାଲ୍ୟ ବିବାହ, ଶିଶୁ ଶ୍ରମିକକୁ ରୋକାଯିବାରେ ଗ୍ରାମବାସୀଙ୍କ ଭୂମିକା ସମ୍ପର୍କରେ ଅବଗତ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁଧୀର କୁମାର ମହାନ୍ତି, ଯୁଗଳ ଗଡନାୟକ, ଶ୍ରୀକାନ୍ତ ପଟ୍ଟନାୟକ, ପ୍ରିୟମାଧବ ସାହୁ ଓ ଆମ ପୋଲିସ କମିଟିର ସଦସ୍ୟ ବଳରାମ ପତି, ସହଦେବ ସାହୁ, ତୋଫାନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ବନ୍ତୁଲ ସରପଞ୍ଚ ଅବନୀକାନ୍ତ ଦେହୁରୀ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

### ଯୁବତୀଙ୍କୁ ତାଲା ପକାଇବା ଘଟଣା ଅଭିଯୁକ୍ତ ଫେରାର

ବଣ୍ଟଁରପାଳ,୨।୨(ଡି.ଏନ.ଏ.): ବଣ୍ଟଁରପାଳ ବ୍ଲକ ଅଞ୍ଚଳର ଜଣେ ଯୁବତୀଙ୍କୁ ଶନିବାର ଏକ ପଞ୍ଚାୟତ କାର୍ଯ୍ୟାଳୟର ପିଅନ ଚକ୍ରଧର ମହାପାତ୍ର ଦୀର୍ଘ ୭ ଘଣ୍ଟା ଧରି ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇବା ଘଟଣାରେ ଅଭିଯୁକ୍ତ ଫେରାର ଅଛନ୍ତି। ତାଙ୍କୁ ଗିରଫ କରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ଥିବା ପୋଲିସ କହିଛି। ନାଲ୍‌କୋ ଥାନା ଅଧିକାରୀ ସରୋଜିନୀ ସାମ୍ନ୍ତା କହିଛନ୍ତି, ଚକ୍ରଧର ସମ୍ପୃକ୍ତା ଯୁବତୀଙ୍କୁ ପ୍ରେମ କରି ଆସୁଥିଲେ। ଶନିବାର ପଞ୍ଚାୟତ କାର୍ଯ୍ୟାଳୟରେ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ପରେ ଚକ୍ରଧର ଏକ ଷ୍ଟୋର ରୁମରେ ସମ୍ପୃକ୍ତା ଯୁବତୀଙ୍କୁ ତାଲା ପକାଇ ଦେଇଥିବା ଅଭିଯୋଗ ହୋଇଥିଲା। ଏ ନେଇ ନଂ. ୭/୨୦୨୦ରେ ମାମଲା ରୁଜୁ କରାଯିବା ସହ ଯୁବତୀଙ୍କ ଡାକ୍ତରୀ ମାଇନା କରାଯାଇଛି।

# ତ୍ୱରିତ ହେବ ଜନଉପଯୋଗୀ ସେବା

## ସ୍ଥାୟୀ ଲୋକ ଅଦାଲତ ଉଦ୍‌ଘାଟିତ

ଅନୁଗୋଳ ଅଫିସ୍, ୨।୨



ଅତିଥି ଲୋକ ଅଦାଲତ ଉଦ୍‌ଘାଟନ କରୁଛନ୍ତି।

ସ୍ଥାନୀୟ ବିକଳ୍ପ ବିବାଦ ସମାଧାନ କେନ୍ଦ୍ର ଅନୁଗୋଳ ପରିସରରେ ରବିବାର ସ୍ଥାୟୀ ଲୋକ ଅଦାଲତ ଉଦ୍‌ଘାଟିତ ହୋଇଯାଇଛି। ଓଡ଼ିଶା ଉଚ୍ଚ ନ୍ୟାୟାଳୟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ତଥା ରାଜ୍ୟ ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷା କୁମାରୀ ସଞ୍ଜୁ ପଣ୍ଡା ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଜନ ଉପଯୋଗୀ ସେବାର ଆଭିମୁଖ୍ୟ ଏବଂ ଏହାକୁ ତ୍ୱରିତ କରିବା ଉପରେ ସେ ଆଲୋକପାତ କରିଥିଲେ। ସ୍ଥାନୀୟ ଲୋକ ଅଦାଲତର ଅଧ୍ୟକ୍ଷ ସରୋଜ କୁମାର ପତି ଓ ସଦସ୍ୟ ପ୍ରମୋଦ କୁମାର ପ୍ରଧାନ, ପ୍ରଫେସର ଶାନ୍ତନୁ କୁମାର ସର ଜଣେ ଭିନ୍ନକ୍ଷମ ଅସହାୟା ମହିଳାଙ୍କ ଅଭିଯୋଗ ଶୁଣାଣି କରି ତୁରନ୍ତ ମଧୁବାବୁ ପେନସନ୍ ପ୍ରଦାନ ପାଇଁ ବଣ୍ଟଁରପାଳ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ସ୍ଥାୟୀ ଲୋକ ଅଦାଲତରେ ରେଳପଥ, ଜଳପଥ, ଅଥବା ସଡ଼କପଥ ଦ୍ୱାରା ଯାତ୍ରୀ ଓ ସାମଗ୍ରୀ ପରିବହନ ସେବା, ଟେଲିଫୋନ ସେବା, ଶକ୍ତି ବିଜୁଳି ଅଥବା ଜଳ ଯୋଗାଣ ବ୍ୟବସ୍ଥା, ପରିମଳ ବ୍ୟବସ୍ଥା, ଡାକ୍ତରଖାନାରେ ଉପଲବ୍ଧ ସେବା, ବୀମା ସେବା, ଶିକ୍ଷା କିମ୍ବା ଶିକ୍ଷାନୁଷ୍ଠାନ ସମ୍ବନ୍ଧୀୟ ସେବା, ଗୃହ ବ୍ୟବସ୍ଥା ବ୍ୟାଙ୍କ ଅନୁଷ୍ଠାନ ଓ ଆର୍ଥିକ ସମ୍ବନ୍ଧୀୟ ସେବା, ରନ୍ଧନ ଗ୍ୟାସ ଯୋଗାଣ, ଆଧାର କାର୍ଡ଼, ରାଶନ କାର୍ଡ଼, ଭୋଟର ପରିଚୟପତ୍ର ଓ ବିପିଏଲ୍ କାର୍ଡ଼ ପ୍ରଦାନ ସମ୍ବନ୍ଧୀୟ ସେବା, ଭତ୍ତା, ମୋବାଇଲ ସେବା ସମ୍ବନ୍ଧୀୟ ଅଭିଯୋଗର ବିଚାର କରାଯିବ ବୋଲି କୁହାଯାଇଥିଲା। ଏକ ଦରଖାସ୍ତ ମାଧ୍ୟମରେ ସ୍ଥାୟୀ ଲୋକ ଅଦାଲତଙ୍କୁ ଲୋକେ ଅଭିଯୋଗ ବାବଦରେ ଜଣାଇପାରିବେ। ଏଥିପାଇଁ କୌଣସି ଶୁଳ୍କ ଦେବାକୁ ପଡ଼ିବ ନାହିଁ।

କାର୍ଯ୍ୟକ୍ରମରେ ଉଚ୍ଚ ନ୍ୟାୟାଳୟର ରେଜିଷ୍ଟ୍ରାର ଜେନେରାଲ ରାଧାକୃଷ୍ଣ ପଟ୍ଟନାୟକ ଓ ଜୁଭେନାଇଲ ଜଷ୍ଟିସ୍ କମିଟିର ସଚିବ ମୀନାକ୍ଷୀ ଦାସ, ରାଜ୍ୟ ଆଇନ ସେବା ପ୍ରାଧିକରଣର ଉପସଚିବ ଦୀପ ରଞ୍ଜନ ସାହୁ, ଡେପୁଟି ରେଜିଷ୍ଟ୍ରାର ଜ୍ୟୋତିରଞ୍ଜନ ଦାସ, ଜିଲା ଓ ଦୌରାଜଜ ତଥା ଜିଲା ଆଇନ ସେବା ପ୍ରାଧିକରଣ ଅନୁଗୋଳର ଅଧ୍ୟକ୍ଷ ଅଶାନ୍ତ କୁମାର ଦାସ, ଜିଲାପାଳ ମନୋଜ କୁମାର ମହାନ୍ତି, ଅନୁଗୋଳ ଏସ୍‌ପି ଜଗମୋହନ ମୀନା, ଫ୍ୟାମିଲି ଜଜ୍ ସୌମେନ୍ଦ୍ର କୁମାର ରାଜଗୁରୁ, ଭିଜିଲାନ୍ସ ଜଜ୍ ରୂପଶ୍ରୀ ଚୌଧୁରୀ, ଅତିରିକ୍ତ ଜିଲା ଓ ଦୌରାଜଜ୍ ପ୍ରଭାକର ଗଣ୍ଡିଆ ଓ ସୌମ୍ୟକ ପାତ୍ର, ଅତିରିକ୍ତ ଜିଲା ଓ ତାଳଚେର ଅମୃତ ରଞ୍ଜନ ନନ୍ଦ, ବରିଷ୍ଠ ଦେୱାନି ବିଚାରପତି ଲିଲିପ୍ସା ପଶାୟତ୍ତ ଓ ଅତିରିକ୍ତ ଦେୱାନୀ ବିଚାରପତି ସୁଶ୍ରୀ ସଙ୍ଗୀତା ପାତ୍ର, ଜିଲା ଆଇନ ସେବା ପ୍ରାଧିକରଣର ସଚିବ ଅଭିନନ୍ଦିତା ପଣ୍ଡା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଶ୍ରୁତିସ୍ୱରୂପା ସାହୁ, ତାରିଣୀ ପ୍ରସାଦ ସାହୁ ଓ ସଞ୍ଜୀବ ପଣ୍ଡା, ଅନୁଗୋଳ ବାର୍ ଆସୋସିଏଶନ୍‌ର ସଭାପତି ଜିତେନ୍ଦ୍ର କୁମାର ସାହୁ ଓ ସମସ୍ତ ଓକିଲମାନେ, ଅନୁଗୋଳ ବିଚାର ବିଭାଗ ଓ ଜିଲା ଆଇନ ସେବା ପ୍ରାଧିକରଣ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# ହିଙ୍ଗୁଳାଙ୍କ ହୁଣ୍ଡିରୁ ମିଳିଲା ୩.୬୨ ଲକ୍ଷ



ମନ୍ଦିର ହୁଣ୍ଡି ଖୋଲାଯାଇ ଟଙ୍କା ଗଣତି କରାଯାଉଛି।

ତାଳଚେର, ୨।୨(ନି.ପ୍ର.)

ତାଳଚେରର ଅଧିଷ୍ଠାତ୍ରୀ ଦେବୀ ମା' ହିଙ୍ଗୁଳାଙ୍କ ଗୋପାଳପ୍ରସାଦସ୍ଥିତ ପୀଠରେ ଥିବା ହୁଣ୍ଡିଗୁଡ଼ିକୁ ଶନିବାର ଖୋଲା ଯାଇଥିଲା। ଟ୍ରଷ୍ଟବୋର୍ଡ ସଦସ୍ୟ ମୁରଲୀଧର ସାହୁ, ସନ୍ତୋଷ କୁମାର ପ୍ରଧାନ, ଗଗନ ବିହାରୀ ସାହୁ ପ୍ରମୁଖଙ୍କ ଉପସ୍ଥିତିରେ ହୁଣ୍ଡି ଖୋଲା ଯାଇ ମୋଟ ୩ ଲକ୍ଷ ୬୨ ହଜାର ୬୧୦ ଟଙ୍କା ସଂଗୃହୀତ ହୋଇଥିଲା। ଧୂଳେଶ୍ୱର ବେହେରା, ପଠାଣି ବାରିହା, ପଞ୍ଚାନନ ବେହେରା, ଦୀପକ ସାମଲ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ମା' ହିଙ୍ଗୁଳାଙ୍କ ପରିକଳ୍ପିତ ଭବ୍ୟ ମନ୍ଦିରର ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଥିବା ବେଳେ ମା'ଙ୍କ ମନ୍ଦିର ସମ୍ମୁଖରେ ପୂର୍ବରୁ ଥିବା ମୁଖଶାଳା ଓ ଯଜ୍ଞମଣ୍ଡପକୁ ଭଙ୍ଗାଯାଇ ସେହି ସ୍ଥାନରେ ନୂତନ ମୁଖଶାଳା ଓ ଯଜ୍ଞମଣ୍ଡପ ନିର୍ମାଣ କରାଯିବ ବୋଲି ଜଣାପଡିଛି।

# ଗୁଣାତ୍ମକ ଶିକ୍ଷାଦାନ କରନ୍ତୁ ଶିକ୍ଷକ

ବଇଣ୍ଡା,୨।୨(ଡି.ଏନ.ଏ.)



ଜଣେ ଅବସରପ୍ରାପ୍ତ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

କିଶୋରନଗର ବ୍ଲକ ନାକିଚି ମାହେଶ୍ୱରୀ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ରବିବାର କିଶୋରନଗର ବ୍ଲକ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ଶିକ୍ଷକ ସଂଘର ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ସଂଘ ସଭାପତି ହରିବନ୍ଧୁ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ମୁଖ୍ୟଅତିଥି ଭାବେ କିଶୋରନଗର ବ୍ଲକ ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ରଥ, ମୁଖ୍ୟବକ୍ତା ଭାବେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ନରୋତ୍ତମ ପ୍ରଧାନ ଯୋଗଦେଇ ଶିକ୍ଷକମାନେ ଗୁଣାତ୍ମକ ଶିକ୍ଷାଦାନ ସହ ସରକାରୀ ଯୋଜନାର କାର୍ଯ୍ୟକାରିତାକୁ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ସଂଘ ସମ୍ପାଦକ ଭବାନୀଶଙ୍କର ପ୍ରଧାନ ବିବରଣୀ ପାଠ କରିଥିବାବେଳେ ବସନ୍ତ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ସୁକାନ୍ତି ସାହୁ, ଶିକ୍ଷକ ଘନଶ୍ୟାମ ସାହୁ, ପଞ୍ଚାନନ ବିଶ୍ୱାଳ, କ୍ଷୀରେନ୍ଦ୍ର ମୋହନ ଦେହୁରି, ନଳିନୀପ୍ରଭା ପ୍ରଧାନ, ଗଙ୍ଗାଧର ବେହେରାଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଶିକ୍ଷକ ଭୈରବୀ କୁମାର ଦେହୁରି ଧନ୍ୟବାଦ ଦେଇଥିଲେ।

# ଛାତ୍ରୀଙ୍କ ମଦ ପିଇବା ଭିଡିଓ ଭାଇରାଲ

ତାଳଚେର,୨।୨(ନି.ପ୍ର.)

ତାଳଚେର ହାଟତୋଟାସ୍ଥିତ ପ୍ରଜାମଣ୍ଡଳ ଭବନ ପରିସରରେ କେତେଜଣ କଲେଜ ପଢୁଆ ଛାତ୍ରୀ ମଦ୍ୟପାନ କରୁଥିବାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଉକ୍ତ ଭିଡିଓରେ ଜଣେ ଯୁବକ ଏକ ବାଇକ୍‌ରେ ବସି କେତେଜଣ କଲେଜ ଛାତ୍ରୀଙ୍କୁ ମଦ ଦେଉଥିବା ଦେଖାଯାଇଛି। ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପୌର ପରିଷଦ ଅଧୀନରେ ଥିବା ପ୍ରଜାମଣ୍ଡଳ ଭବନ ପରିସରରେ ସ୍ପଷ୍ଟ ଦିବାଲୋକରେ ଛାତ୍ରୀମାନଙ୍କ ଏପରି ମଦ୍ୟପାନ କରିବା ସମାଜରେ କୁପ୍ରଭାବ ପକାଉଥିବା ସ୍ଥାନୀୟ ବୁଦ୍ଧିଜୀବୀମାନେ ପ୍ରକାଶ କରିଛନ୍ତି।

# ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ



ତାଳଚେର,୨।୨(ନି.ପ୍ର)

ସ୍ଥାନୀୟ ପଞ୍ଚାୟତ ସମିତି ସଭାଗୃହ ପରିସରରେ ମଧୁବାବୁ ପେନସନ ବଣ୍ଟନ ମେଳା ରବିବାର ଅନୁଷ୍ଠିତ ହୋଇଯାଇଛି। ବିଡିଓ ନେତ୍ରାନନ୍ଦ ମଲ୍ଲିକ ଏଥିରେ ଅଧ୍ୟକ୍ଷତା କରିଥିବାବେଳେ ମୁଖ୍ୟଅତିଥି ଭାବେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ବୃନ୍ଦାବନ ବେହେରା, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଅଶୋକ କୁମାର ନାୟକ ଯୋଗଦେଇ ସରକାରୀ ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରାଇଥିଲେ। ଏଥିରେ ୪୩୭ଙ୍କୁ ଭତ୍ତା ପ୍ରଦାନ କରାଯାଇଥିଲା। ସରପଞ୍ଚ, ସମିତି ସଭ୍ୟ, ଜିଲା ପରିଷଦ ସଭ୍ୟ, ପଞ୍ଚାୟତ ନିର୍ବାହୀ ଅଧିକାରୀ, ଭାରପ୍ରାପ୍ତ ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ସୁଶୀଲ ପ୍ରଧାନ, ସଙ୍ଗୀତ ସାମଲଙ୍କ ସମେତ ବ୍ଲକ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ୧୩୧ ୟୁନିଟ୍ ରକ୍ତ ସଂଗ୍ରହ



ଅନୁଗୋଳ ଅଫିସ୍, ୨।୨

ଅନୁଗୋଳ ମଲ୍ଟି ଏକ୍ସେଲ୍ ଭେଇକିଲ୍ ଓନର ଆସୋସିଏଶନ୍ ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ସ୍ଥାନୀୟ ହେମସୁରପଡ଼ା ସ୍ଥିତ ଦୁର୍ଗା ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସଭାପତି ଲାଲ ସୁବ୍ରତ ସିଂ, ଉପସଭାପତି ସୁଧିର କୁମାର ତ୍ରିପାଠୀ, ସମ୍ପାଦକ ବେଦପ୍ରକାଶ ସ୍ୱାଇଁ, ଉପସମ୍ପାଦକ ସଞ୍ଜୟ କୁମାର ସାହୁ, କୋଷାଧ୍ୟକ୍ଷ ସୁନୀଲ କୁମାର ସ୍ୱାଇଁ ଓ ବରିଷ୍ଠ ସଭ୍ୟ ତଥା ବରୁଣ କୁମାର ସାହୁ, ରବୀନ୍ଦ୍ର କୁମାର ପ୍ରଧାନ, ତପନ କୁମାର ପ୍ରଧାନ ଓ ଆସୋସିଏଶନ୍‌ର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଏଥିରେ ୧୩୧ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା।

# ଧବଳେଶ୍ୱର ମନ୍ଦିର ଭୋଗ ମଣ୍ଡପ ଉଦ୍‌ଘାଟିତ

ଛେଣ୍ଡିପଦା,୨।୨(ସ୍ୱ.ପ୍ର.)

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ଜରପଡା ଗ୍ରାମ ଧବଳେଶ୍ୱର ମନ୍ଦିରର ନୂତନ ଭୋଗ ମଣ୍ଡପ ଉଦ୍‌ଘାଟିତ ହୋଇଯାଇଛି। ମନ୍ଦିର କମିଟି ସଭାପତି ରସାନନ୍ଦ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଛେଣ୍ଡିପଦା ବିଧାୟକ ସୁଶାନ୍ତ ବେହେରା, ସମ୍ମାନିତ ଅତିଥି ଭାବେ ଶ୍ରୀଧର ଗଡନାୟକ, ସରପଞ୍ଚ ଭାନୁପ୍ରିୟା ପ୍ରଧାନ, ସମିତିସଭ୍ୟା କବିତା ବେହେରା, ଗ୍ରାମ ସଭାପତି ନାରାୟଣ ସାହୁ ପ୍ରମୁଖ ଯୋଗ ଦେଇ 'ଆମ ଗାଁ ଆମ ବିକାଶ' ଯୋଜନାରେ ନିର୍ମିତ ଭୋଗ ମଣ୍ଡପକୁ ଉଦ୍‌ଘାଟନ କରିଥିଲେ। ଆଗାମୀ ଦିନରେ ଜରପଡା ଅଞ୍ଚଳର ବିକାଶ ଦିଗରେ ଚେଷ୍ଟା ଜାରି ରହିବ ବୋଲି ବିଧାୟକ କହିଥିଲେ। ଗ୍ରାମବାସୀ ଓ ମନ୍ଦିର କମିଟିର ସଦସ୍ୟମାନେ ସହଯୋଗ କରିଥିଲେ।

# ବ୍ରଜନାଥପୁର ଚାମ୍ପିୟନ

ବଣ୍ଟଁରପାଳ,୨।୨(ଡି.ଏନ.ଏ.)



ଚାମ୍ପିୟନ ଦଳକୁ ଅତିଥିବୃନ୍ଦ ପୁରସ୍କୃତ କରୁଛନ୍ତି।

ବଣ୍ଟଁରପାଳ ବ୍ଲକ ବଳରାମପ୍ରସାଦ ମା' ହିଙ୍ଗୁଳା କ୍ଲବ ପକ୍ଷରୁ ଚାଲିଥିବା ମା' ହିଙ୍ଗୁଳା ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ତାଳଚେର ବ୍ରଜନାଥପୁର ଓ ନାଲ୍‌କୋ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ନାଲ୍‌କୋକୁ ୧-୦ଗୋଲରେ ହରାଇ ବ୍ରଜନାଥପୁର ଚାମ୍ପିୟନ ହୋଇଛି। ତାଳଚେର ବ୍ରଜନାଥପୁରର ଅନ୍ତର୍ଯ୍ୟାମୀ ବେହେରା ମ୍ୟାନ ଅଫ ଦି ପ୍ଲେୟାର ଓ ନାଲ୍‌କୋର ଜିତେନ୍ଦ୍ର ବିରୁଆ ମ୍ୟାନ ଅଫ ଦି ସିରିଜ ଭାବେ ବିବେଚିତ ହୋଇଥିଲେ। ବାସୁଦେବ ସାହୁ, ସନ୍ନ୍ୟାସୀ ମୁଣ୍ଡା ପ୍ରମୁଖ ଖେଳ ପରିଚାଳନା କରିଥିଲେ। ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଜ୍ୟ ଭାଜପା କାର୍ଯ୍ୟକାରିଣୀ ସଦସ୍ୟ ପ୍ରତାପଚନ୍ଦ୍ର ପ୍ରଧାନ, ସମ୍ମାନିତ ଅତିଥି ଭାବେ ପୂର୍ବତନ ସରପଞ୍ଚ ଜୟନ୍ତୀ ସାହୁ ଯୋଗ ଦେଇଥିଲେ। କୃତାର୍ଥଚନ୍ଦ୍ର ସିଂହ ଧାରା ବିବରଣୀ ପ୍ରଦାନ କରିଥିଲେ। ଆୟୋଜକ କ୍ଲବର ଅନିଲ ବେହେରା, ପ୍ରଶାନ୍ତ ବରାହ, ବେଣୁଧର ଦାସ, ରଞ୍ଜନ ସାହୁ, ଗଣେଶ୍ୱର ମହାଳିକ ପ୍ରମୁଖ ସହଯୋଗ କରିଥିଲେ।

# ଗୋପେଶ୍ୱର ମହାଦେବଙ୍କ ପ୍ରତିଷ୍ଠା ଉତ୍ସବ

କଣିହାଁ,୨।୨(ଡି.ଏନ.ଏ.)

କଣିହାଁ ବ୍ଲକ କମରେଇ ପଞ୍ଚାୟତ ଗଣ୍ଡବେରଣା ଗ୍ରାମର ଗୋପେଶ୍ୱର ମହାଦେବ ମନ୍ଦିରର ପ୍ରତିଷ୍ଠା ଉତ୍ସବ ରବିବାର ପାଳିତ ହୋଇଯାଇଛି। ଗ୍ରାମର ମହିଳାମାନେ ସିଙ୍ଗିଡ଼ା ଯୋଡ଼ରୁ କଳସରେ ପାଣି ଆଣି ଗ୍ରାମ ପରିକ୍ରମା ପରେ ମନ୍ଦିର ଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ। ଏହି ଅବସରରେ ନାମସଂକୀର୍ତ୍ତନ, ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା। କର୍ତ୍ତା ଭାବେ ପରିଚାଳନା କମିଟି ସଭାପତି ଶମ୍ଭୁନାଥ ଭୂତିଆ ଓ ଶ୍ରଦ୍ଧାଳୁ ବିଶ୍ୱନାଥ ପ୍ରଧାନଙ୍କ ସ୍ତ୍ରୀ ଦାୟିତ୍ୱ ତୁଲାଇ ଥିଲେ। ପରିଚାଳନା କମିଟି ସଭ୍ୟ ଗୋକୁଳାନନ୍ଦ ପରିଡ଼ା, ସୁମନ୍ତ ପରିଡ଼ା, ରଞ୍ଜିତ କୁମାର ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।






Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ